ସାପ୍ତାହିକ
Postal Regd. No.: SBP/14/2019-2021
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.25 | Issue - 47 | 26 December - 1 January 2022 | Sambalpur | Page-12 | Invitation Price Rs.10

# ଖୋର୍ଦ୍ଧା- ବଲାଙ୍ଗୀର ରେଳପଥ ପାଇଁ ରାଜ୍ୟ ସରକାର ପଇସା ଦେଉ ନାହାନ୍ତି

ସମ୍ବଲପୁର : ଖୋର୍ଦ୍ଧା- ବଲାଙ୍ଗୀର ରେଳପଥ ଦେଶର ପ୍ରଥମ ପ୍ରକଳ୍ପ ଭାବେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧରେ ୫୦-୫୦ ପ୍ରତିଶତର ଚୁକ୍ତି ହୋଇଥିଲା । ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସି ବଲାଙ୍ଗୀରରୁ ବିଛୁପାଲି ଯାଏ ରେଳପଥରେ ରେଳ ଗଡ଼ିବାର ଶୁଭାରମ୍ଭ କରିଥିଲେ । ଗତ ଚାରି ମାସ ତଳେ ବଲାଙ୍ଗୀର ଗସ୍ତରେ ଆସିଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରକଳ୍ପର କାମକୁ ସ୍ୱତନ୍ତ୍ର ଭାବରେ ଧ୍ୟାନ ଦିଆଯିବ ବୋଲି ଘୋଷଣା କରିଥିଲେ । ତେବେ ଚଳିତ ବର୍ଷ ପାଇଁ ଯେତେ କାମ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ସେତିକି ବି ସରି ନାହିଁ । ରାଜ୍ୟ ଓ କେନ୍ଦ୍ର ମଧରେ ହୋଇଥିବା ଚୁକ୍ତିର ଅବଧି ବି ସରିଗଲାଣି । ରାଜ୍ୟ ସରକାର ଓ କେନ୍ଦ୍ର ରେଳ ବିଭାଗ ଆଗେଇ ଆସି ୨୦୧୫ ମସିହାରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ବୁଝାମଣାପତ୍ର ଅନୁଯାୟୀ ୨୦୨୧ ମସିହା ସୁଦ୍ଧା ଖୋର୍ଦ୍ଧା- ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା । କିନ୍ତୁ ରେଳପଥ ନିର୍ମାଣ କାର୍ଯ୍ୟରେ ବିଶେଷ ଅଗ୍ରଗତି ହୋଇନାହିଁ । ବୁଝାମଣାପତ୍ର




ଅନୁସାରେ ରାଜ୍ୟ ଓ କେନ୍ଦ୍ର ୫୦-୫୦ ଭାଗ ଅର୍ଥ ଖର୍ଚ୍ଚ କରିବା ସଙ୍ଗେ ରାଜ୍ୟ ମାଗଣାରେ ଜମି ହସ୍ତାନ୍ତର କରିବା କଥା ସ୍ଥିର ହୋଇଥିଲା । କିନ୍ତୁ ୨୦୧୫ ମସିହା ରାଜିନାମା ଅନୁଯାୟୀ ରାଜ୍ୟ ଓ କେନ୍ଦ୍ର ୫୦-୫୦ ଭାଗ ଅର୍ଥ ଅଂଶ ଖର୍ଚ୍ଚ କରିନାହିଁ । ୨୦୧୫-୧୬ ଆର୍ଥିକ ବର୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୬ ବର୍ଷରେ ତଥା କେନ୍ଦ୍ର ରାଜ୍ୟ ରାଜିନାମା ସମୟସୀମା ମଧରେ ରେଳ ବିଭାଗ ସମୁଦାୟ ୧୦୯୦ କୋଟି ୯୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ବେଳେ ରାଜ୍ୟ ପ୍ରଦାନ କରିଛି ମାତ୍ର ୪୮୩ କୋଟି ଟଙ୍କା । ରାଜ୍ୟ ୧୮-୧୯ ଓ ୧୯-୨୦ ବର୍ଷରେ ଆଦୌ ଅର୍ଥ ପ୍ରଦାନ କରି ନ ଥିବା ଜଣାଯାଇଛି ।

ଗତ ୨୦୨୧ ବର୍ଷ ବଜେଟରେ ଏହି ରେଳପଥ ପାଇଁ ୧ ହଜାର ୫୦ କୋଟି ଟଙ୍କା ରେଳ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା । ଏହି ନିର୍ଦ୍ଦିଷ୍ଟ ରେଳପଥ ପାଇଁ ବିଗତ ୧୦ ବର୍ଷର କେବଳ ବଜେଟ ଘୋଷଣାକୁ ଅନୁଧାନ କଲେ ପ୍ରାୟ ୫ ହଜାର କୋଟି ଟଙ୍କାରୁ ଅଧିକ ରାଶି ଘୋଷଣା କରାଯାଇଥିବା ବେଳେ ବାସ୍ତବରେ କିନ୍ତୁ ଖର୍ଚ୍ଚ କରାଯାଇଛି ମାତ୍ର ୧ ହଜାର ୩ ଶହ ୪୪ କୋଟି ଟଙ୍କା । ସେହିଭଳି ବିଛୁପାଲି ଠାରୁ ଝାରତରଭା ଷ୍ଟେସନ ମାତ୍ର ୧୦.୩୫ କି.ମି ଦୂରତା ପର୍ଯ୍ୟନ୍ତ ଚଳିତ ଆର୍ଥିକ ବର୍ଷରେ ରେଳ ଗଡ଼ିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷ ଶେଷ ହେବା ଉପରେ କିନ୍ତୁ ଏହି ସ୍ୱଳ୍ପ ଦୂରତାକୁ ଧାର୍ଯ୍ୟ ସମୟ ମଧରେ ରେଳ ଚଳାଚଳ ସମ୍ପ୍ରସାରଣ ହେବା ଆଶା ଅତ୍ୟନ୍ତ କ୍ଷୀଣ । ଗତ ସାଧାରଣ ନିର୍ବାଚନ ପୂର୍ବରୁ ତଥା ୨୦୧୯ ମସିହା ଜାନୁଆରି ୧୫ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲାଙ୍ଗୀର- ବିଛୁପାଲି ଟ୍ରେନର ଲୋକାର୍ପଣ କରି ରେଳପଥର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରକାଶ କରିଥିଲେ । କିନ୍ତୁ ଖୋର୍ଦ୍ଧା- ବଲାଙ୍ଗୀର ରେଳପଥ ନିର୍ମାଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି । ବର୍ତ୍ତମାନ ଏହି ରେଳପଥକୁ ସମ୍ପୂର୍ଣ୍ଣ କରିବା ପାଇଁ ୨୦୨୪ ମସିହାକୁ ଧାର୍ଯ୍ୟ ସମୟ ଘୁଞ୍ଚାଇ ଦିଆଯାଇଛି ହେଲେ ଦୀର୍ଘ ୬୮ କିମିର ପାଇଁ ଷ୍ଟେଜ ୧ଜଙ୍ଗଲ ଜମି ଅନୁମତି ବର୍ତ୍ତମାନ ପର୍ଯ୍ୟନ୍ତ ମିଳିନି । ୧୯୯୪-୯୫ ମସିହାରେ ମଞ୍ଜୁରୀପ୍ରାପ୍ତ ଏହି ନିର୍ମାଣାଧୀନ ପ୍ରକଳ୍ପ ପାଇଁ ୨୭ ବର୍ଷ ପରେ ବି ଜଙ୍ଗଲ ଜମି ଷ୍ଟେଜ-୧ ଅନୁମତି ମିଳି ନ ଥିଲା ।

# ଓଡ଼ିଶାରେ ସଡ଼କ ଦୁର୍ଘଟଣା ମୃତ୍ୟୁ ଅଧିକ

ଭୁବନେଶ୍ୱର : ରାଜ୍ୟରେ ଶଟଡାଉନ୍ ଏବଂ ଲକଡାଉନ ଯୋଗୁଁ ୨୦୨୦ ରେ ଦୁର୍ଘଟଣା ଜନିତ ମୃତ୍ୟୁ ହାର ସାମାନ୍ୟ ହ୍ରାସ ପାଇଥିଲା । ତେବେ ୨୦୨୧ ରେ ଦୁର୍ଘଟଣାଜନିତ ମୃତ୍ୟୁ ପୁଣି ଉପରମୁହାଁ ହୋଇଛି । ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ପରିଷଦ ବୈଠକର ବିବରଣୀରୁ ପ୍ରକାଶ ଯେ, ୨୦୧୯ ରେ ୧୧ ହଜାର ୬୪ ସଡ଼କ ଦୁର୍ଘଟଣାରେ ୫,୩୩୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୦ ରେ ୯,୮୧୭ ଦୁର୍ଘଟଣାରେ ୪,୭୩୮ ଜଣଙ୍କ ମୃତ୍ୟୁ ହୋଇଥିଲା । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲକଡାଉନ ଓ ଶଟଡାଉନ୍ ଲାଗୁ ହେବା କାରଣରୁ ୨୦୨୦ ଓ ୨୦୧୯ ଅପେକ୍ଷା ଦୁର୍ଘଟଣାଜନିତ ମୃତ୍ୟୁ ହାର ପ୍ରାୟ ୧୧.୧୬% ହ୍ରାସ ପାଇଥିଲା । ତେବେ ଲକଡାଉନ ହଟିବା ପରେ ୨୦୨୧ ଜାନୁୟାରୀରୁ ସେପ୍ଟେମ୍ବର ମଧରେ ଦୁର୍ଘଟଣା ହାର ୧୫.୯୮ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦ ଜାନୁୟାରୀରୁ ସେପ୍ଟେମ୍ବର ମଧରେ ୩,୧୯୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୨୧ ରେ ସମାନ ସମୟରେ ୩,୭୦୮ ଜଣଙ୍କ ମୃତ୍ୟୁ ଘଟିଛି ।



ଜାତୀୟ ହାର ତୁଳନାରେ ରାଜ୍ୟରେ ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଥିବା ଜଣାପଡିଛି । ରାଜ୍ୟରେ ପ୍ରତି ୧୦୦ ଦୁର୍ଘଟଣାରେ ୪୮ ଜଣଙ୍କ ମୃତ୍ୟୁ ହେଉଥିବା ବେଳେ ଜାତୀୟସ୍ତରରେ ମୃତ୍ୟୁ ସଂଖ୍ୟା ୩୬ ରହିଛି । ରାଜ୍ୟରେ ବଢୁଥିବା ସଡ଼କ ଦର୍ଘଟଣାଜନିତ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ୨୦୧୫ ରୁ ପ୍ରତ୍ୟେକ ବର୍ଷ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁକୁ ୧୦ ପ୍ରତିଶତ ହ୍ରାସ କରିବାକୁ ପଦକ୍ଷେପ ନେବା ଲାଗି କମିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲା । ତେବେ କମିବା ପରିବର୍ତ୍ତେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ୨୦୧୪ ରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୩,୯୩୧ ଥିବାବେଳେ ତାହା ୨୦୨୦ ରେ ୪,୭୩୮ରେ ପହଞ୍ଚିଛି । ହେଲମେଟ ନ ପିନ୍ଧିବାରୁ ରାଜ୍ୟରେ ୪୧% ମୃତ୍ୟୁ ହେଉଛି । କେବଳ କିଛି ଡ୍ରାଇଭିଂ ଲାଇସେନ୍ସରୁ ରଦ୍ଦ କରିବା ଛଡ଼ା ଏ ଦିଗରେ ରାଜ୍ୟ ସରକାର ସେଭଳି କିଛି କଡ଼ା ପଦକ୍ଷେପ ନେଇ ନାହାନ୍ତି । ଦ୍ରୁତ ବେଗରେ ଗାଡ଼ି ଚାଳନା ଯୋଗୁଁ ୬୯ ପ୍ରତିଶତ ଏବଂ ୨୦ ପ୍ରତିଶତ ହିଟ୍ ଆଣ୍ଡ ରନ୍ ଦୁର୍ଘଟଣା ଘଟୁଛି । ରାଜ୍ୟରେ ଥିବା ବ୍ଲାକସ୍ପଟଗୁଡିକରେ ବାରମ୍ବାର ଦୁର୍ଘଟଣା ଘଟୁଛି । ୨୦୨୧ ଜାନୁୟାରୀରୁ ସେପ୍ଟେମ୍ବର ମଧରେ ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଏହି ସମୟରେ ୨୦୧୯ ତୁଳନାରେ ଗଜପତି, ଜଗତସିଂହପୁର, ବୌଦ୍ଧ, ଝାରସୁଗୁଡ଼ା, ରାୟଗଡ଼ା, ମାଲକାନଗିରି ଏବଂ ନୂଆପଡ଼ା ଜିଲ୍ଲାରେ ୩୦ ପ୍ରତିଶତ ଦୁର୍ଘଟଣା ବୃଦ୍ଧି ପାଇଛି । ବିଶ୍ୱ ବ୍ୟାଙ୍କ ସର୍ଭେ ୨୦୨୦ ଅନୁଯାୟୀ ଭାରତରେ ୭୬.୨ ପ୍ରତିଶତ ୧୮ ରୁ ୪୫ ବର୍ଷର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଦୁର୍ଘଟଣା ଯୋଗୁଁ ୫୦ ପ୍ରତିଶତ ମହିଳା ଘର ଚଳାଇବା ନେଇ ଭୟଙ୍କର ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ସଡ଼କ ଦୁର୍ଘଟଣା ଯୋଗୁଁ ଦେଶକୁ ବାର୍ଷିକ ଜିଡିପିର ୩.୧୪ ପ୍ରତିଶତ ଆର୍ଥିକ କ୍ଷତି ଭୋଗିବାକୁ ପଡୁଛି ।

ଓଡ଼ିଶାରେ ୨୦୨୦ ରେ ମୋଟ୍ ୪,୭୩୮ ଜଣ ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ପ୍ରାୟ ୫,୦୦୦ ଗୁରୁତର ଭାବେ ଆହତ ହୋଇଛନ୍ତି । ରାଜ୍ୟରେ ମୁଖ୍ୟତଃ ମୋଟର ସାଇକେଲ ଚାଳକଙ୍କ ସଂଖ୍ୟା ସମୁଦାୟ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁର ୫୩ ପ୍ରତିଶତ ଏବଂ ଦୁର୍ଘଟଣାରେ ୮୦ ପ୍ରତିଶତ ମୃତ୍ୟୁ ହେଲମେଟ ପିନ୍ଧି ନ ଥିବାରୁ ହେଉଛି ।

# କୁଆଡ଼େ ଗଲା ମହାନଦୀ ରିଭର୍ ଭ୍ୟୁ ପଏଣ୍ଟ ପ୍ରକଳ୍ପ ?



ସମ୍ବଲପୁର : ଗତ ସାତ ବର୍ଷ ତଳେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ମହାନଦୀ ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଯୋଜନା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ । ଗତ ୨୦୧୪ ମସିହାରେ ମୁଖ୍ୟମନ୍ତ୍ରୀ ମହାନଦୀ ରିଭର ଫ୍ରଣ୍ଟ ଡେଭେଲପ- ମେଣ୍ଟ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ । ଜଳସେଚନ ବିଭାଗ ଏଥିପାଇଁ ଡିପିଆର ପ୍ରସ୍ତୁତ କରିଥିଲେ । ଏହା ରାଜ୍ୟସ୍ତରୀୟ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ସ୍ୱୀକୃତି ପାଇଥିଲା । ମନ୍ଦଲିଆ ଛକଠାରେ ନେଲସନ ମଣ୍ଡେଲା ଛକ ଘାଟ ପର୍ଯ୍ୟନ୍ତ ରିଂରୋଡ଼ର ୩ କି.ମି ଉପରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥାନ୍ତା । ମୁଖ୍ୟତଃ ସମ୍ବଲପୁର ମହାନଦୀ ରିଙ୍ଗରୋଡ଼ ସୌନ୍ଦର୍ଯ୍ୟୀକରଣ, ଘାଟ ଓ ଫୁଟପାଥଗୁଡିକର ନବୀକରଣ ନିମନ୍ତେ ଉଦ୍ଦିଷ୍ଟ ଏହି ପ୍ରକଳ୍ପରେ ୯ କୋଟି ୧୪ ଲକ୍ଷ ୪୨ ହଜାର ୧୪୧ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ବ୍ୟୟ ଅଟକଳ ସାମାନ୍ୟ ହ୍ରାସ କରାଯିବା ସତ୍ତ୍ୱେ ପାଣ୍ଠିର ବ୍ୟବସ୍ଥା ନ ହେବାରୁ ଜଳସେଚନ ବିଭାଗ ପ୍ରକଳ୍ପକୁ ଆଗେଇ ପାରି ନ ଥିଲା । ତେବେ ୨୦୧୮, ୧୯ ଆର୍ଥିକ ବର୍ଷରେ ଜିଲ୍ଲା ପ୍ରଶାସନର ଉଦ୍ୟମ କ୍ରମେ ସମ୍ବଲପୁର ମହାନଦୀ କୂଳର ପୁଣିଥରେ ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ସମଲେଇ ଘାଟରୁ କମଳିବଜାର ଘାଟ ଅଂଶର ଟେଣ୍ଡର ଆହ୍ୱାନ ପାଇଁ ସ୍ଥିର ହୋଇଥିଲା । କୋଲକାତାର ଏକ କନସଲଟେଣ୍ଟ ସଂସ୍ଥା ସରଜମିନ ଅନୁଧାନ ଓ ମହାନଗର ନିଗମ ଅଧିକାରୀମାନଙ୍କ ସହ ଆଲୋଚନା ପରେ ଇତିମଧରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଦେଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ କମଳିବଜାର ଘାଟରୁ ବାଲିବନ୍ଧା ମହାନଦୀ ଘାଟ ପର୍ଯ୍ୟନ୍ତ ଏହି ସମନ୍ୱିତ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଯୋଜନା ରହିଥିଲା । ଏହିଭଳି ବିଭିନ୍ନ ପର୍ଯ୍ୟାୟରେ ନଦୀକୂଳରୁ ନଦୀମଧକୁ ୬ଟି ପିଲରଯୁକ୍ତ ରିଭର୍ ଭ୍ୟୁ ପଏଣ୍ଟ ନିର୍ମାଣ କରାଯିବା ସ୍ଥିର ହୋଇଥିଲା । ସେହିଭଳି ନଦୀକୂଳରେ ଥିବା ଦେଢ଼ ମିଟର ଓ ସହର ପାର୍ଶ୍ୱରେ ଥିବା ୧ ମିଟର ବିଶିଷ୍ଟ ଫୁଟପାଥ ଓ ରିଙ୍ଗରୋଡ଼ର ମେଡିଆନର ମଧ ସୌନ୍ଦର୍ଯ୍ୟକରଣ ଏହି ପ୍ରକଳ୍ପରେ ସାମିଲ ଥିଲା । ବିଏସଏନଏଲ ଅଫିସ ପଛପଟ ନଦୀରେ ୮୦ ମିଟର ଲମ୍ବ ଓ ୧୭ ମିଟର ଚଉଡ଼ାର ଏକ ପେଣ୍ଡାଲ ନିର୍ମାଣ ବି କରାଯିବା ଲକ୍ଷ୍ୟ ରହିଥିଲା । ଏଥିରେ ପାର୍କ ଓ ଅନ୍ୟାନ୍ୟ ସୁବିଧା ରହିଥାନ୍ତା । ସମଲେଇ, ବାଲିବନ୍ଧା, ମାରୱାଡ଼ିପଡ଼ା, କମଳିବଜାର ଆଦି ନଦୀଘାଟର ପୁନରୁଦ୍ଧାର କରାଯାଇ ଟାଇଲ୍ ଲଗାଯିବା ବି ଯୋଜନା ରହିଥିଲା । ପ୍ରକଳ୍ପରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ, ସୁନ୍ଦର ଆଲୋକ ବ୍ୟବସ୍ଥା ସହିତ ନଦୀକୂଳରେ ଜାଗା ଅନୁଯାୟୀ ମୂର୍ତ୍ତି, ସିମେଣ୍ଟ ବେଞ୍ଚ, ଜଳଫୁଆରା ଆଦି ତିଆରି କରିବା ବି ଲକ୍ଷ୍ୟ ରହିଥିଲା । ରିଭର୍ ଭ୍ୟୁ ପଏଣ୍ଟଗୁଡିକ ନଦୀ ଭିତରକୁ ଲମ୍ବ ୬ ମିଟର ଲେଖାଏଁ ରହିଥାନ୍ତା । ସମସ୍ତ ରିଭର୍ ଭ୍ୟୁ ପଏଣ୍ଟ ଗୋଲାକାର ଆକୃତିରେ ତିଆରି କରିବାକୁ ନିଷ୍ପତ୍ତି ହୋଇଥିଲା । ଏଥିରେ ଷ୍ଟେନ୍ ଲେସ୍ ଷ୍ଟିଲର ରେଲିଂ ରଖାଯାଇଥାନ୍ତା । ବର୍ଷା ଓ ଖରାରୁ ରକ୍ଷା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ବି କରାଯିବାର ଯୋଜନା ରହିଥିଲା । ୧୯୯୭ ମସିହା ପୂର୍ବରୁ ରିଙ୍ଗରୋଡ଼ର ହାରାହାରି ୪୦ ଫୁଟ୍ ତଳେ ସୁଶୀଳା ବିହାରକୁ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା । ରିଙ୍ଗରୋଡ଼ ଯୋଗୁଁ ତାହା ନିଶ୍ଚିହ୍ନ ହେବା ଉତ୍ତାରୁ ନୂଆ ପ୍ରକଳ୍ପ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ମନ୍ଦିରମାନଙ୍କୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାନ୍ତା । କିନ୍ତୁ ପ୍ରକଳ୍ପ କାର୍ଯ୍ୟକାରୀ ନ ହେବାରୁ ସେଭଳି ହେଲା ନାହିଁ । କେବଳ ସମଲେଶ୍ୱରୀ ମନ୍ଦିର ନିକଟରେ ରିଂରୋଡ଼ରେ ପର୍ଯ୍ୟଟକଙ୍କ ପାଇଁ ଏଭଳି ୨ ଟି ରିଭରଭ୍ୟୁ ପଏଣ୍ଟ ହୋଇ ପାରିଛି ।

## ଏ ସଂଖ୍ୟାରେ..


ଭଲ ବ୍ୟାୟାମ: ସାଇକେଲ ଚାଳନା


ଡାଇବେଟିସ୍ କମାଇବ ଜୁସ


ଲବଙ୍ଗର ଔଷଧୀୟ ଗୁଣ


ବ୍ଲଡ ସୁଗର ନିୟନ୍ତ୍ରଣ କରେ ଡାଲଚିନି


କଲରାର ଉପକାରିତା

# ପୁସ୍ତକ ସମୀକ୍ଷା

ଏକ ଉପଭୋଗ୍ୟ ସଙ୍କଳନ

## ପୁସ୍ତକ : ମୃଣାଳଙ୍କ ଶ୍ରେଷ୍ଠ ଗଳ୍ପ

## ଲେଖକ : ମୃଣାଳ

ପ୍ରକାଶକ : ଟାଇମ୍ପାସ, ଭୁବନେଶ୍ୱର

ପୃଷ୍ଠା : ୨୫୫, ମୂଲ୍ୟ : ୨୨୫ ଟଙ୍କା

ବଛା ବଛା ତିରିଶଟି ଗପ । କେହି କାହାଠୁଁ କମ୍ ନୁହେଁ । ଗପ ଗୁଡ଼ିକରେ ସାମାଜିକ ଚିତ୍ର, ଚରିତ୍ରସବୁ ପରସ୍ପର ଏମିତି ଭାବରେ ଗୁନ୍ଥି ହୋଇ ରହିଛନ୍ତି ଯେ, ପାଠକ ନିଜ ଭିତରେ ଓ ତା' ଚାରିପାଖରେ ସେଗୁଡ଼ିକୁ ଖୋଜିବାକୁ ଚେଷ୍ଟା କରିବ । ସବୁ ଗପରେ ରହିଛି ଭିନ୍ନ ସ୍ୱାଦ । ଆଉ ମଝିରେ ମଝିରେ ଶବ୍ଦ ଚାତୁରୀର ପ୍ରୟୋଗରେ ବ୍ୟଙ୍ଗର ଛୁଙ୍କ ଗପକୁ ଆହୁରି ପାଠକୀୟ କରିଛି ।

ପୁସ୍ତକରେ ଗାଳ୍ପିକ ମୃଣାଳଙ୍କ ଦ୍ୱାରା ୧୯୯୧ରୁ ୨୦୨୧ ଭିତରେ ଲେଖା ଯାଇଥିବା ୩୦ଟି ଗପ ସ୍ଥାନ ପାଇଛି । ୧୯୯୧ରେ ମୃଣାଳଙ୍କ ପ୍ରଥମ ଗଳ୍ପ ସଙ୍କଳନ ଓଡ଼ିଶା ଓ ଅନ୍ୟାନ୍ୟ ଗଳ୍ପ ପ୍ରକାଶିତ ହୋଇଥିଲା । ଅର୍ଥାତ୍ ଏ ସଙ୍କଳନରେ ମୃଣାଳଙ୍କ ଲେଖକ ଜୀବନର ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ଉତ୍ତରଣର ଚିତ୍ରଟି ମଧ ପାଠକ ପାଇ ପାରବେ ।

ଏଥିରେ ସଙ୍କଳିତ ପ୍ରତିଟି ଗପ ପଢ଼ିବା ବେଳେ ମନ ସତେଜ ହୋଇଯିବ ନିଶ୍ଚୟ । ଆଉ ଗୋଟିଏ ପରେ ଗୋଟିଏ ଗପ ପଢ଼ିବାକୁ ଇଚ୍ଛା ହେବ । ଏହା ହିଁ ମୃଣାଳଙ୍କ ସ୍ୱତନ୍ତ୍ରତା । ଏହାକୁ ମୃଣାଳୀୟ ଲେଖା ଶୈଳୀ କହିଲେ ଭୁଲ ହେବନି ।

ସଙ୍କଳନର ପ୍ରଥମ ଗଳ୍ପ ହେଲା : 'ଯମରାଜ ଛୁଟିରେ' । ଗପଟି ପୁରାଣର ଏକ କାଳ୍ପନିକ କଥାବସ୍ତୁ ଉପରେ ଆଧାରିତ ହୋଇଥିଲେ ମଧ ବର୍ତ୍ତମାନ ସମୟର କିଛି ବାସ୍ତବ ଚରିତ୍ରଙ୍କ ସ୍ୱଭାବ ଏଥିରେ ପ୍ରତିଫଳିତ ହୋଇଛି । କାହାଣୀ ଗତି କରିଛି ଯମରାଜଙ୍କ ପାଖରୁ । ଭଗବାନ ବିଷ୍ଣୁଙ୍କୁ ସାକ୍ଷାତ କରି ଯମରାଜ କହୁଛନ୍ତି ତାଙ୍କର ମାସେ ଛୁଟି ଦରକାର । ବହୁ ବିଚାର ବିମର୍ଶ ପରେ ଯମରାଜ ଛୁଟିରେ ଯାଆନ୍ତି । ଏହି ସମୟ ମଧରେ ଧରାପୃଷ୍ଠରେ କେଉଁ ଲୋକଙ୍କର ମୃତ୍ୟୁ ହୁଏନି । ହାସପାତାଳରେ ସିରିୟସ୍ ଅବସ୍ଥାରେ ଚିକିତ୍ସିତ ହେଉଥିବା ରୋଗୀର ମୃତ୍ୟୁ ହେଉନି । ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି ଡାକ୍ତର । କିନ୍ତୁ ମନେ ମନେ ଖୁସି ହେଉଛନ୍ତି । କାରଣ ରୋଗୀ ବଞ୍ଚିକି ରହିଲେ ତାଙ୍କ ନର୍ସିଂହୋମ୍ର ବିଲ୍ ବଢ଼ି ବଢ଼ି ଯିବ । ଏପଟେ ଶ୍ୱଶୁରଙ୍କ ଦେହାନ୍ତ ହେଉ ନ ଥିବାରୁ ଜ୍ୱାଇଁ ସତ୍ୟବାଦୀଙ୍କ ମନ ଦୁଃଖୀ । ଅନ୍ୟ ଏକ ସ୍ଥାନରେ ହାସପାତାଳରେ ଭର୍ତ୍ତି ହୋଇଥିବା ବୃଦ୍ଧା ମା'ଙ୍କୁ ନେଇ ଝଗଡ଼ା । ଏମିତି କିଛି ସାଧାରଣ ଚରିତ୍ରକୁ କାହାଣୀରେ ଯୋଡ଼ି ଗପକୁ ଖୁବ୍ ମନମୁଗ୍ଧକର କରିଛନ୍ତି ଗାଳ୍ପିକ ।

ଅନ୍ୟ ଏକ ଗଳ୍ପ 'ଧାର୍ମିକ ଲୋକମାନେ'ରେ ଗାଁ ଯୁବକଙ୍କ ଦୁର୍ଗାପୂଜା ଆୟୋଜନ, ଚାନ୍ଦା ଆଦାୟକୁ ନେଇ ଅଭିଯୋଗ, ମନ୍ତ୍ରୀଙ୍କ ପୂଜା ଉଦ୍‌ଘାଟନ ଆଦି କଥା ପ୍ରସଙ୍ଗ ଛଳରେ ମଣିଷର ଭଦ୍ରମୁଖା ତଳର ଅସଲ ରୂପ ଦେଖେଇବାକୁ ଚେଷ୍ଟା କରିଛନ୍ତି ଲେଖକ ।

'ସାପ' ଗପଟି ବେଶ୍ ସୁନ୍ଦର ହୋଇଛି । ଏକ ସରକାରୀ ଅଫିସରେ୍ ଦିନେ ସାପ ବାହାରେ । ତାକୁ ନେଇ ନାନା ଝାମେଲା ସୃଷ୍ଟି ହୁଏ । ସାପ କାହିଁକି ପଶିଲା, ଏଥିପାଇଁ ଦାୟୀ କିଏ, ସାପ ନ ପଶିବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ଆଦି ବିଷୟରେ ଆଲୋଚନା କରୁ କରୁ ଲେଖକ ବ୍ୟବସ୍ଥାର କେତୋଟି ବାସ୍ତବ ତ୍ରୁଟି ବିଚ୍ୟୁତିକୁ ଦର୍ଶାଇଛନ୍ତି ।

'ପ୍ରେମ' ଗପଟି ମଧ ଖୁବ୍ ବାସ୍ତବଧର୍ମୀ ମନେହେବ । ସୁଦେଷ୍ଣା ଓ ଜଟିଆ କେହି କାହାରିକି ପ୍ରେମ ନିବେଦନ କରିପାରୁ ନାହାନ୍ତି । କିନ୍ତୁ ମନେ ମନେ ଉଭୟ ଉଭୟଙ୍କ ପ୍ରେମରେ ପଡ଼ିଯାଆନ୍ତି । ତେବେ ସୁଦେଷ୍ଣା ଆଉ ଜଟିଆଙ୍କ ପ୍ରେମ କାହାଣୀ ଆଉ ଆଗକୁ ବଢ଼ିପାରେ ନି । ସୁଦେଷ୍ଣା ବିଦେଶ ପଳାଏ ଆଉ ଜଟିଆ ଛକରେ ଗୋଟେ ଷ୍ଟେସନାରୀ ଦୋକାନ ଖୋଲି ବସେ । ଦଶ ବର୍ଷ ପରେ ସୁଦେଷ୍ଣା ଦେଶକୁ ଫେରେ । ଆଉ ତା'ପରେ ଜଟିଆ ସହ ଦେଖାହୁଏ । ଦେଖା ହେବାର ସେହି ମୁହୂର୍ତ୍ତକୁ ଗାଳ୍ପିକ ବେଶ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ବର୍ତ୍ତମାନ ସମୟରେ ପିଲାମାନେ କିପରି ନିଜର ଜନ୍ମକଲା ବାପାମାଆଙ୍କୁ ଭୁଲି ଯାଉଛନ୍ତି, ସେମାନଙ୍କୁ ହତାଦର କରୁଛନ୍ତି, ଆଉ ଟଙ୍କା ପଛରେ ଧାଇଁଛନ୍ତି ସେସବୁର ନିଛକ ଚିତ୍ର ଦେଖିବାକୁ ମିଳିଛି 'ବାପା' ଗପରେ । ଜୀବନସାରା ତ୍ରିପାଠୀ ବାବୁଙ୍କୁ ଦହଗଞ୍ଜ କରୁଥାଏ ତାଙ୍କ ପୁଅ । ଅତ୍ୟାଚାର କରିବାକୁ ପଛାଏ ନାହିଁ । ଶେଷରେ ତ୍ରିପାଠୀ ବାବୁଙ୍କୁ ସାହା ହୁଏ ଏକ ବୃଦ୍ଧାଶ୍ରମ । ଆଉ ଶେଷ ବୟସରେ ସେ ଯେଉଁ କିଛିଟା ଶାନ୍ତି ପାଇଛନ୍ତି ତାହା ଏହି ବୃଦ୍ଧାଶ୍ରମରେ । ତଥାପି ପୁଅର ସବୁ ଦୋଷକୁ ଭୁଲି ତ୍ରିପାଠୀ ବାବୁ ତାଙ୍କ ପୁଅ ନାଁରେ ନିଜର ସବୁ ସମ୍ପତ୍ତି, ଘରବାଡ଼ି କରିଦିଅନ୍ତି । ଜଣେ ବାପାଙ୍କ ତ୍ୟାଗ ଓ ମହାନତାକୁ କେବଳ ଏହି ଗପରେ ଦର୍ଶାଯାଇନି, ବରଂ ମଣିଷ ଯେ ଏତେ ନିଷ୍ଠୁର ହୋଇପାରେ, ସ୍ୱାର୍ଥ ପାଇଁ କିଛି ବି କରିପାରେ ତାକୁ ମଧ ଉଲ୍ଲେଖ କରାଯାଇଛି ।

'ଦାହ' ଗପରେ ବର୍ତ୍ତମାନର ମାର୍କେଟିଂ କୌଶଳକୁ ସଫଳ ଭାବେ ବଖାଣିଛନ୍ତି ଗାଳ୍ପିକ । ଆଜିକାଲି କିପରି ବିଭିନ୍ନ କମ୍ପାନୀ ବା ବଡ଼ ସୋ'ରୁମ୍ ପକ୍ଷରୁ ଗ୍ରାହକଙ୍କୁ ଅର୍ଥ ଲୋଭ ଦେଖା ଯାଉଛି ତାହା ରହିଛି ଗପରେ । ସେହିପରି 'ଭାଲୁ' ଶୀର୍ଷକ ଗପରେ ଗୋଟେ ଷଣ୍ଢ ମୁଖ୍ୟ ଚରିତ୍ର ହୋଇଥିଲେ ମଧ କଥା ଛଳରେ ଲେଖକ ସମାଜ ବ୍ୟବସ୍ଥା, ସାମାଜିକ ଚଳଣି ଆଦିର କଥା କହିଛନ୍ତି ।

'ଏଟା କ'ଣ ମନୋଜ ପୃଷ୍ଟିଙ୍କ ଫୋନ ନମ୍ବର ?', 'ଏକ ସୁନ୍ଦର ଚାନ୍ଦିନୀ ରାତିରେ', 'ହସ', 'କୁକୁର', 'ଗଣେଶଙ୍କ ମୂଷା', 'ପ୍ରେମ ଡଟ୍ କମ୍', 'ବିଧୁମୁଖୀ', 'ଭରତପୁରର ଭୂତ', 'ପିମ୍ପୁଡ଼ି' ଆଦି କାହାଣୀର ସ୍ୱାଦ ସମ୍ପୂର୍ଣ୍ଣ ଭିନ୍ନ । ପଢ଼ନ୍ତୁ । ଭଲ ଲାଗିବ ।

**ସମୀକ୍ଷା : ସୌମ୍ୟ ରଞ୍ଜନ ବିହାରୀ**

# ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ଜନସମ୍ପର୍କ

ଝାରସୁଗୁଡ଼ା : ଉତ୍ତମ ପ୍ରଶାସନ ପରିଚାଳନା ନିମନ୍ତେ ଗ୍ରାମ ଅଭିମୁଖେ ଜିଲ୍ଲା ପ୍ରଶାସନ ଯାଇ ପହଞ୍ଚିଥିଲା ଲଖନପୁର ବ୍ଲକ ଜୋନ ୩ ଅନ୍ତର୍ଗତ ଦଳଗାଁ ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଗୁଡ଼ିଆଳିରେ । ଜିଲ୍ଲାପାଳ ସରୋଜ କୁମାର ସାମଲ, ଆରକ୍ଷୀ ଅଧୀକ୍ଷକ ବିକାଶ ଦାଶ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସ୍ଥାନୀୟ ଭଗବାନ ପୃଷ୍ଠେଠ ହାଇସ୍କୁଲ ଠାରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ତପୀରାମ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲଖନପୁର ବିଡିଓ ସଞ୍ଜୀବ କୁମାର ପଟେଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସିଡିପିଓ ଲକ୍ଷ୍ମୀପ୍ରିୟା ବହିଦାର, ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବ୍ଲକ ଅଧକ୍ଷା ଶାନ୍ତି ପଧାନ, ସରପଞ୍ଚ ଚିତ୍ରସେନ ଧୁରୁଆ, ଜିଲ୍ଲା କୃଷି ଅଧିକାରୀ ପ୍ରଭାତ କୁମାର ମାର୍ଥ, ଉଦ୍ୟାନ କୃଷି ଅଧିକାରୀ ସୁଦାମ ଚରଣ ବିଶ୍ୱାଳ, ପ୍ରାଣୀ ସଂପଦ ବିଭାଗର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆଲୋକ କୁମାର ଦାସ, ଆରଡବ୍ଲୁଏସଏସ ଅଧିକାରୀ ଦିଲ୍ଲୀପ କୁମାର ଦେହେରୀ ଜନମଙ୍ଗଳ ଯୋଜନା ବାବଦରେ ଉପସ୍ଥାପନ କରିଥିଲେ । ଉପସ୍ଥିତ ଜନତା ନେଗୀପାଲି ପଧାନପାଲି ଗ୍ରାମର ପାନୀୟ ଜଳ ସମସ୍ୟା, ଗୁଡ଼ିଆଲି ପୁରୁଣା ବନ୍ଧର ପଙ୍କୋଦ୍ଧାର, ଫଳସାଢ଼ିପା ଗ୍ରାମବାସୀଙ୍କୁ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ, ଅଏଁଳାପାଲିରୁ ଦଳଗାଁ ରାସ୍ତାର ନିର୍ମାଣ ଗ୍ରାମରୁ କୁଚିଆ ମଦ ଦୋକାନ



ଉଚ୍ଛେଦ, ବିଲେଇଗଡ଼ ନିକଟରେ ଏକ ପାର୍କ ନିର୍ମାଣ, ଭେଜିକୁଦ ଗ୍ରାମର ଆଦିତ୍ୟ ସାହୁଙ୍କ ରାସନକାର୍ଡରେ ଝିଅଙ୍କ ଅନ୍ତର୍ଭୁକ୍ତ ଆଦି ଅନେକ ଦାବିକୁ ଶୁଣିବା ପରେ ୭ ଦିନ ମଧରେ ବିହିତ ପଦକ୍ଷେପ ନେଇ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ ସାମଲ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ୫୦ ଜଣ ହିତାଧିକାରୀଙ୍କୁ ୪ ଡିସିମିଲ ଘରଡିହ ପଟ୍ଟା ପ୍ରଦାନ, ୫୨ ଜଣ ଅନୁସୂଚିତ ଜାତି, ୧୩ ଜଣ ଅନୁସୂଚୀତ ଜନଜାତି ଓ ୧୦ ଜଣ ଅନ୍ୟାନ୍ୟ ବର୍ଗର ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ନିମନ୍ତେ ଇନକମ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ସେହିପରି ବଲିଆମୁଣ୍ଡା ଗ୍ରାମର ମାଆ ଲକ୍ଷ୍ମୀ, ମାଆ ମଙ୍ଗଳା ଓ ଚେରକଟାର ମାଆ ଅମ୍ବିକା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୟୁନିଅନ ବ୍ୟାଙ୍କ ଅଢ଼ାପରା ପକ୍ଷରୁ ଋଣ ମାଧମରେ ୨ ଲକ୍ଷ ଟଙ୍କା ଲେଖାଏଁ ଚେକ ପ୍ରଦାନ କରାଯାଇଥିଲା । ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ବୈକୁଣ୍ଠନାଥ କଶ୍ୟପଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ମୋଟ ୬୫ ଜଣଙ୍କୁ ଚିକିତ୍ସା କରି ମାଗଣା ଔଷଧପତ୍ର ଦେବା ସହ ଆଇଟିପିସିଆର ପରୀକ୍ଷା ନିମନ୍ତେ ୪୦ ଜଣଙ୍କ ସ୍ୱାବ ସଂଗ୍ରହ, ୧୧୬ ଜଣଙ୍କୁ ଦ୍ୱିତୀୟ ଡୋଜ କୋଭିଡ ୧୯ ଟୀକା ପ୍ରଦାନ କରାଯାଇଥିଲା । ଏବିଡିଓ ଗୋପାଳ କୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଅଭିନନ୍ଦନ'ର ୧୩ ତମ ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର : ବାଲେଶ୍ୱରରୁ ପ୍ରକାଶିତ ସାପ୍ତାହିକ ଖବରକାଗଜ 'ଅଭିନନ୍ଦନ'ର ୧୩ତମ ସ୍ୱନକ୍ଷତ୍ର ଉତ୍ସବ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇ ଯାଇଛି । ଅଭିନନ୍ଦନର ସମ୍ପାଦକ ଇଂ ଜଗଦୀଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ କ୍ଷୁଦ୍ର ଓ ମଧମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ ମୁଖ୍ୟ ଅତିଥି, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ ଉତ୍ସବରେ ମୁଖ୍ୟବକ୍ତା, ବାଲେଶ୍ୱରରୁ ପ୍ରକାଶିତ ଦୈନିକ ଖବରକାଗଜ 'ଧ୍ୱନୀ-ପ୍ରତିଧ୍ୱନୀ'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ଶିକ୍ଷାବିତ୍ ତଥା ଜ୍ୟୋତିଷ ବିଶାରଦ ବ୍ରଜସୁନ୍ଦର ଦାସ, ଦୈନିକ ଖବରକାଗଜ 'ଅପରାହ୍ନ'ର ସମ୍ପାଦକ ବଂଶୀଧର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ 'ସମାଜ'ର ଜଗତସିଂହପୁର ପ୍ରତିନିଧି ରାଧାକାନ୍ତ ମିଶ୍ର, ଗାୟିକା ଜାଗୃତି ମିଶ୍ର, ଓଡ଼ିଶୀ ନୃତ୍ୟଶିଳ୍ପୀ ସାଇ ଋତୁପର୍ଣ୍ଣା ପରିଡ଼ା, ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତି, ଆଦର୍ଶ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଶତପଥୀ, ଗାଳ୍ପିକା ଅନସୂୟା ପଣ୍ଡା, କବି ବ୍ରଜକିଶୋର ଦାସ, ପ୍ରାବନ୍ଧିକ ସୁଧାଂଶୁ ଦ୍ୱିବେଦୀ, ସମାଜସେବୀ ସୁଧାଂଶୁ ଶେଖର ଜେନା ପ୍ରମୁଖଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ 'ଅଭିନନ୍ଦନ'ର ସ୍ୱତନ୍ତ୍ର ସଂସ୍କରଣ ଓ ଇଂ ଜଗଦୀଶ ମିଶ୍ରଙ୍କ 'ତୁମ ପାଇଁ ଗପଟିଏ' ଉନ୍ମୋଚିତ ହୋଇଥିଲା ।

# ସମ୍ବଲପୁର ଘରୋଇ ବସ ମାଲିକ ସଂଘର ନୂତନ କର୍ମକର୍ତ୍ତା

ସମ୍ବଲପୁର : ସମ୍ବଲପୁର ଘରୋଇ ବସ ମାଲିକ ସଂଘର ସାଧାରଣ ପରିଷଦ ବୈଠକ ଆୟୋଜିତ ହୋଇଯାଇଛି । ଏଥିରେ ୨୦୨୨-୨୩ ସକାଶେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇ ଯାଇଛି । ଗତଥରର କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ପୁଣିଥରେ ନିର୍ବାଚିତ ହୋଇଛନ୍ତି । ସଭାପତି ଭାବେ ସୁବ୍ରତ କୁମାର ପାଣିଗ୍ରାହୀ ମନୋନୀତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ସୁରଜିତ କୁମାର ହୋତା, କୋଷାଧକ୍ଷ ତୁଷାରକାନ୍ତ ମିଶ୍ର, ଦୁଲାଲ କୃଷ୍ଣ ଗୁରୁ ଉପସଭାପତି ଓ ଅଜିତ କୁମାର ପତି ଯୁଗ୍ମ ସମ୍ପାଦକ ରହିଛନ୍ତି ।

# ଭାଗବତ

## ରୁକ୍ମିଣୀ ହରଣ

ରୁକ୍ମିଣୀ ତାଙ୍କ ଚିଠିରେ ଲେଖିଥିଲେ ଯେ, ତାଙ୍କର ମନରେ କୌଣସି ପ୍ରକାର ବିକାର ବାସନା ନାହିଁ, ସେ ନିଷ୍କାମ । ଜଣେ ସାଧାରଣ କନ୍ୟା କେବେ ଏପରି ଅସାଧାରଣ କଥା କହିପାରେ କି ? ଶ୍ରୀକୃଷ୍ଣ ଓ ରୁକ୍ମିଣୀ ଉଭୟେ ହେଉଛନ୍ତି ନିଷ୍କାମ, ନିର୍ବିକାର । ଅର୍ଥାତ୍ ଏହି ବିବାହ ପ୍ରସଙ୍ଗ ହେଉଛି ଅଲୌକିକ ଆଧାତ୍ମିକ ମିଳନର କଥା । ଅଲୌକିକ ସିଦ୍ଧାନ୍ତକୁ ବୁଝାଇବା ପାଇଁ ଲୌକିକ ଶବ୍ଦାବଳୀ ପ୍ରୟୋଗ କରା ହୋଇଛି । ଭାଗବତର ଶ୍ଳୋକ ଏପରି ଅର୍ଥ ହିଁ ପ୍ରକାଶ କରୁଛି । ବିବାହ ହେବା ପୂର୍ବରୁ ରୁକ୍ମିଣୀ ନିର୍ବିକାରିତା କଥା ପ୍ରକାଶ କରିଛନ୍ତି । ବିବାହ ହୋଇଯିବା ପରେ ଭଗବାନ୍ ତାଙ୍କୁ କହିଛନ୍ତି, ମୋର ସ୍ତ୍ରୀ ପ୍ରତି ବା ବଂଶବୃଦ୍ଧି କରିବା ପାଇଁ ଇଚ୍ଛା ନାହିଁ । କୌଣସି ସାଧାରଣ ପୁରୁଷ ବିବାହ ପରେ ଏପରି ବାକ୍ୟ କ'ଣ କରିପାରେ ?

ଯେଉଁ ଲୋକ ଈଶ୍ୱରଙ୍କୁ ବିବାହ କରିବା ପାଇଁ ଇଚ୍ଛା କରିଥାଏ, ତାକୁ ତା'ର ସମ୍ପର୍କୀୟ ବନ୍ଧୁବାନ୍ଧବମାନେ ବହୁତ ହିନସ୍ତା କରିଥାନ୍ତି । ରୁକ୍ମିଣି ତା ଭଉଣୀର ବିବାହ ଭଗବାନଙ୍କ ସହିତ କରିବା ପାଇଁ ବିରୋଧ କରୁଥିଲେ । କିନ୍ତୁ ଜୀବ ଯଦି ସଦଗୁରୁଙ୍କ ଶରଣ ନିଏ ତେବେ ତା'ର ବନ୍ଧନ କଟିଯାଏ । ରୁକ୍ମିଣୀ ସୁଦେବ ବ୍ରାହ୍ମଣଙ୍କର ସହାୟତା ନେଇଥିଲେ । ତାଙ୍କର ଦୁଃଖ ଦୂର ହୋଇଥିଲା । ଯିଏ ଈଶ୍ୱର ମିଳନ ଚାହେଁ ସେ ତାହାର ଜୀବନକୁ ସାଦା ସରଳ ରଖିଥିବା ଆବଶ୍ୟକ । ରାଜ କୁମାରୀ ହୋଇଥିଲେ ବି ରୁକ୍ମିଣୀ ମାତା ପାର୍ବତୀଙ୍କୁ ଦର୍ଶନ କରିବା ପାଇଁ ଖାଲି ପାଦରେ ଚାଲି ଚାଲି ମନ୍ଦିରକୁ ଯାଇଥିଲେ । ଏହି କଥା ଶୁକଦେବ କହୁଛନ୍ତି । ଏହି କଥାରେ ପରୀକ୍ଷିତଙ୍କ ତନ୍ମୟତା ଆସିଯାଉ, ଏହା ଶୁକଦେବଙ୍କର ଅଭିପ୍ରାୟ । ଏହା ସାଧାରଣ ମନୁଷ୍ୟଙ୍କ ବିବାହ ନୁହେଁ, ତେଣୁ ପରୀକ୍ଷିତଙ୍କର ଏଥିରେ ତନ୍ମୟତା ଆସିଯିବା ସ୍ୱାଭାବିକ୍ କଥା । ରୁକ୍ମିଣୀ ଯଦି ଲୌକିକ ସୁଖ ଇଚ୍ଛା କରୁଥାଆନ୍ତେ ତେବେ ସେ ଉପସ୍ଥିତ ଅନ୍ୟ ଯେ କୌଣସି ରାଜାଙ୍କୁ ବରଣମାଳା ପିନ୍ଧାଇ ପାରି ଥାଆନ୍ତେ । କିନ୍ତୁ ସେ ବିବେକର ସହିତ ଶ୍ରୀକୃଷ୍ଣଙ୍କୁ ବରଣ



କରିଥିଲେ । ଜୀବ ଯେତେବେଳେ ଈଶ୍ୱରଙ୍କ ସହିତ ବିବାହ କରେ ସେତେବେଳେ ସେ କୃତାର୍ଥ ହୋଇଯାଏ । ରୁକ୍ମିଣୀ ଶ୍ରୀକୃଷ୍ଣଙ୍କ ବିବାହ ଜୀବ ଓ ଈଶ୍ୱରଙ୍କ ମିଳନ ଯାହା ସୁଦେବ ରୂପୀ ସଦଗୁରୁଙ୍କ କୃପାରୁ ହୋଇ ପାରିଥିଲା । ରୁକ୍ମିଣୀ ହେଉଛନ୍ତି ଭଗବାନଙ୍କର ଆଦ୍ୟା ଶକ୍ତି । ସନ୍ଥ କେବଳ ଜୀବଙ୍କୁ ବ୍ରହ୍ମ ସମ୍ବନ୍ଧ କରାଇପାରେ । କୌଣସି ଏକ ସୁଯୋଗ୍ୟ ସଦଗୁରୁଙ୍କ ମଧ୍ୟସ୍ଥତା ବିନା ଜୀବ ଈଶ୍ୱରଙ୍କୁ ପାଇପାରେ ନାହିଁ ।

ରୁକ୍ମିଣୀଙ୍କ ଠାରୁ ଚିଠି ଧରି ସୁଦେବ ଦ୍ୱାରିକାକୁ ଆସିଲେ । ଭୋଜନ ବିଶ୍ରାମାଦି ସମାପନ କରିବା ପରେ ତାଙ୍କୁ କୃଷ୍ଣଙ୍କ ପାଖକୁ ଅଣାଗଲା । ଏଥର ଦୁହେଁ ଆଳାପ ଆଲୋଚନା କରିବାରେ ଲାଗିଲେ । କୃଷ୍ଣ କହିଲେ ଆପଣଙ୍କ ଦର୍ଶନ ପାଇ ଆମେ କୃତାର୍ଥ ହୋଇଛୁ । ଆପଣଙ୍କର କି ପ୍ରକାର ସେବା କରିପାରିବୁ କହିବା ହୁଅନ୍ତୁ ।

ସୁଦେବ ଭଗବାନଙ୍କୁ ରୁକ୍ମିଣୀଙ୍କ ପତ୍ର ଦେଲେ ଓ କହିଲେ ପ୍ରଭୁ ! ରୁକ୍ମିଣୀ ଜଣେ ସୁପାତ୍ର କନ୍ୟା । ସେ ତ ସୁନ୍ଦରୀ ନିଶ୍ଚୟ, ତେବେ ସେ ଜଣେ ସଦଗୁଣବତୀ ଚତୁରା ଓ ସୁଶୀଳା କନ୍ୟା । ତାଙ୍କ ସହିତ ଆପଣଙ୍କର ବିବାହ ହେଲେ ଆପଣଙ୍କ ଜୀବନ ସୁଖ ଓ ସନ୍ତୋଷରେ କଟିପାରିବ । ଶ୍ରୀକଷ୍ଣ ରୁକ୍ମିଣୀଙ୍କ ଚିଠି ପଢ଼ିଲେ । ଅକ୍ଷର ଓ ଭାଷାରେ ହିଁ ମଣିଷ ପ୍ରକୃତିର ପରୀକ୍ଷା ହୋଇଯାଏ । ପତ୍ର ହୁଏତ ବିସ୍ତୃତ ହୋଇ ନ ଥାଇ ପାରେ, ଭାବାର୍ଥ ପୂର୍ଣ୍ଣତଃ ପ୍ରକାଶିତ ହୋଇପାରୁଥିଲେ ହେଲା । ରୁକ୍ମିଣୀ ସେହି ସାତ ଶ୍ଳୋକ ବିଶିଷ୍ଟ କ୍ଷୁଦ୍ର ପତ୍ରରେ ସମସ୍ତ ଭାବ ପ୍ରକାଶ କରି ଦେଇଥିଲେ । ଦୁହିଁଙ୍କର ସପ୍ତପଦୀ ସମ୍ବନ୍ଧ ଶୀଘ୍ର ସ୍ଥାପିତ ହୋଇଯିବା ଉଦ୍ଦେଶ୍ୟରେ ଏପରି ସାତ ଶ୍ଳୋକ ଲେଖା ହୋଇଥିଲା । ଛ ଶ୍ଳୋକରେ ରୁକ୍ମିଣୀ ଶ୍ରୀକୃଷ୍ଣଙ୍କ ଛ ସଦଗୁଣର ବର୍ଣ୍ଣନା କରିଥିଲେ । ସେହି ଶ୍ଳୋକଗୁଡିକର ଐଶ୍ୱର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ ପରିପୂର୍ଣ୍ଣ ହୋଇ ରହିଥିଲା । ଜୀବ ଯେତେବେଳେ ଦୀନ ହୋଇ ଭଗବାନଙ୍କ ଶରଣକୁ ଯାଏ, ଭଗବାନ ତାହା ଉପେକ୍ଷା କରନ୍ତି ନାହିଁ । ସେ ତାକୁ ଆପଣାର କରି ଦିଅନ୍ତି । ଜୀବର ଧର୍ମ ଶରଣାଗତି ଗ୍ରହଣ କରିବା ।

# ଦୈନିକ ଜୀବନରେ ପ୍ରତ୍ୟାହାରର ସାଧନା

ପାତଞ୍ଜଳି ଯୋଗ ସୂତ୍ରରେ ପ୍ରତ୍ୟାହାର, ସାଧନାର ଏକ ମହତ୍ୱପୂର୍ଣ୍ଣ ସୋପାନ । ଦେଖାଯାଇଛି ଯେ, ଯୋଗର ବାସ୍ତବିକ ଶୁଭାରମ୍ଭ ଏହି ଠାରୁ ହୋଇଥାଏ, କାରଣ ଏହା ପୂର୍ବର ଚରଣ ଯୋଗର ପ୍ରାଥମିକ ପ୍ରସ୍ତୁତି ହୋଇଥାଏ । ଯାହାର ଅନ୍ତର୍ଗତ ଯମ - ନିୟମ ମାଧମରେ ନିଜର ବିଚାର ଓ ବ୍ୟବହାରର ସ୍ଥିରତା ଏବଂ ସନ୍ତୁଳନ ସାଧିବାକୁ ହୋଇଥାଏ । ଆଉ ଆସନ ଓ ପ୍ରାଣାୟାମ ମାଧମରେ ତନୁ ମନ ଏବଂ ପ୍ରାଣର ସ୍ଥିର ଓ ସ୍ୱସ୍ଥ ଆଧାର ପ୍ରସ୍ତୁତ ହୋଇଥାଏ । ଏହି ପ୍ରସ୍ତୁତି ପରେ ମନକୁ ବାହ୍ୟ ବିଷୟ ଗୁଡିକରୁ ହଟାଇ ସେହି ଏକ ତତ୍ତ୍ୱ, ସେହି ପରମ ସତ୍ୟ, ଆତ୍ମତତ୍ତ୍ୱ ଦିଗରେ ଅନ୍ତର୍ମୁଖୀ କରାଯାଏ । ମନକୁ ଅନ୍ତର୍ମୁଖୀ କରିବାର ଏହି ପ୍ରକ୍ରିୟାର ନାମ ପ୍ରତ୍ୟାହାର, ଯାହା ପରେ ଧାରଣା ଧାନର କ୍ରମ ଆସିଥାଏ । ପ୍ରତ୍ୟାହାର ପ୍ରତି ଓ ଆହାର ଶବ୍ଦ ମିଶି ସୃଷ୍ଟି ହୋଇଛି । ପ୍ରତି ଅର୍ଥ ହେଉଛି ବିପରୀତ ଅର୍ଥାତ୍ ଇନ୍ଦ୍ରିୟଗୁଡିକର ଯେଉଁ ବିଷୟ ଅଥବା ଆହାର ଅଛି, ଇନ୍ଦ୍ରିୟଗୁଡିକୁ ତାହାର ବିପରୀତ କରିଦେବା ପ୍ରତ୍ୟହାର ଅଟେ । ଏହି ପ୍ରକାର ପ୍ରତ୍ୟାହାରର ଅର୍ଥ ହେଉଛି ଇନ୍ଦ୍ରିୟଗୁଡିକୁ ବିଷୟଗୁଡିକ ଠାରୁ ପଛକୁ ଟାଣିବା ବା ହଟାଇବା । ପାତଂଜଳ ଯୋଗ ସୂତ୍ରରେ ମହର୍ଷି ପତଂଜଳିଙ୍କ ଅନୁସାରେ ନିଜର ବିଷୟଗୁଡିକର ସମ୍ବନ୍ଧ ରହିତ ହେବା ଦ୍ୱାରା ଇନ୍ଦ୍ରିୟଗୁଡିକ ଯେଉଁ ଚିତ୍ତ ସ୍ୱରୂପରେ ତଦାକାର ହୋଇଯାନ୍ତି, ତାହାକୁ ପ୍ରତ୍ୟାହାର କୁହାଯାଏ । ସ୍ୱାମୀ ବିବେକାନନ୍ଦଙ୍କ ଶବ୍ଦରେ ଯଦି ତୁମେ ଚିତ୍ତକୁ ବିଭିନ୍ନ ଆକୃତି ଧାରଣ କରିବା ଠାରୁ ରୋକି ପାରିବ, ତେବେ ତୁମର ମନ ଶାନ୍ତ ହେବ ଆଉ ଇନ୍ଦ୍ରିୟଗୁଡିକ ମଧ ମନର ଅନୁରୂପ ହୋଇଯିବ । ଏହାକୁ ପ୍ରତ୍ୟାହାର କୁହାଯାଏ । ଏହି ପ୍ରକାର ପ୍ରତ୍ୟାହାର ହେଉଛି ଇନ୍ଦ୍ରିୟଗୁଡିକର ବିଷୟ ପ୍ରତି ବିମୁଖ ହେବ । ନିଜର ବହିର୍ମୁଖୀ ବିଷୟ ଠାରୁ ପଛକୁ ହଟି ଅନ୍ତର୍ମୁଖୀ ହେବା ।

ଇନ୍ଦ୍ରିୟଗୁଡିକର ବିଷୟଗୁଡିକ ଠାରୁ ଅଲଗା ହେବା ହିଁ ପ୍ରତ୍ୟାହାର ଯେଉଁ ସମୟରେ ସାଧକ ନିଜର ସାଧନା କାଳରେ ଇନ୍ଦ୍ରିୟଗୁଡିକର ବିଷୟଗୁଡିକୁ ପରିତ୍ୟାଗ କରିଦିଏ ଏବଂ ଚିତ୍ତକୁ ନିଜର ଇଷ୍ଟ ମଧରେ ଏକାକାର କରିଦିଏ, ସେତେବେଳେ ଯେଉଁ ଚିନ୍ତନ ଇନ୍ଦ୍ରିୟଗୁଡିକର ବିଷୟ ଆଡ଼କୁ ନ ଯାଇ ଚିତ୍ତରେ ସମାହିତ ହୋଇଯାଏ, ତାହା ପ୍ରତ୍ୟାହାର ସିଦ୍ଧିର ଲକ୍ଷଣ ଅଟେ । ଏହା କ୍ରମିକ ରୂପେ ସାଧନା ପଥରେ ଆଗକୁ ବଢ଼ିଲେ ଘଟିତ ହୋଇଥାଏ ।

ଯେତେବେଳେ ଯମ, ନିୟମ, ଆସନ, ପ୍ରାଣାୟାମର କ୍ରିୟାକୁ ଅଭ୍ୟାସ କରିବା ଦ୍ୱାରା ମନ ଏବଂ ସମସ୍ତ ଇନ୍ଦ୍ରିୟ ପରିଷ୍କୃତ ହୋଇଯାଏ, ତତପଶ୍ଚାତ୍ ଇନ୍ଦ୍ରିୟଗୁଡିକର ବାହ୍ୟ ବୃତ୍ତିକୁ ଚତୁର୍ଦିଗରୁ ହଟାଇ ଏକତ୍ର କରି ମନରେ ଲୟ କରିବାର ଅଭ୍ୟାସକୁ ପ୍ରତ୍ୟାହାର କୁହାଯାଏ । ଯେଉଁ ସବୁ ଦିଗକୁ ଇନ୍ଦ୍ରିୟଗୁଡିକ ଯାଇଥାଏ, ସେହି ସବୁ ଦିଗକୁ ଇନ୍ଦ୍ରିୟଗୁଡିକୁ ଫେରାଇ ଆଣି ମନକୁ ଅନ୍ତର୍ମୁଖୀ କରିବାର ଅଭ୍ୟାସ କରାଯାଏ । ପ୍ରତ୍ୟାହାରର ସିଦ୍ଧି ପରେ ଇନ୍ଦ୍ରିୟଜିତ ହେବା ପାଇଁ ଯୋଗୀକୁ ପୁଣି ଅନ୍ୟ କୌଣସି ସାଧନର ଆବଶ୍ୟକତା ହୋଇ ନ ଥାଏ । ମହର୍ଷି ବ୍ୟାସଙ୍କ ଅନୁସାରେ ଚିତ୍ତର ଏକାଗ୍ରତା ହେବା ଦ୍ୱାରା ବିଷୟଗୁଡିକ ଦିଗରେ ଇନ୍ଦ୍ରିୟଗୁଡିକର ଯେଉଁ ଅପ୍ରବୃତ୍ତି ଅର୍ଥାତ୍ ବିଷୟ ସଂଯୋଗ ଶୂନ୍ୟତା ହୁଏ, ତାହା ହିଁ ଇନ୍ଦ୍ରିୟ ଜୟ ଅଟେ ।

ଦୈନିକ ଜୀବନରେ ବ୍ୟକ୍ତି ଯେଉଁଠି ଠିଆ ହୋଇଛି, ସେଠାରୁ ହିଁ ପ୍ରତ୍ୟାହାରର ଅଭ୍ୟାସ କରି ଯୋଗ ସାଧନାର ପଥରେ ଅଗ୍ରସର ହେବା ଉଚିତ । ବ୍ୟାବହାରିକ ଜୀବନରେ ଉପବାସ ଓ ମୌନ ଭଳି ବ୍ରତ ପ୍ରତ୍ୟାହାରର ହିଁ ଅଭ୍ୟାସ ଅଟେ କାରଣ ସେତେବେଳେ ଇନ୍ଦ୍ରିୟଗୁଡିକୁ ସେମାନଙ୍କ ଆହାର ଠାରୁ ବଞ୍ଚିତ କରାଯାଇଥାଏ । ଏହି ବ୍ରତ ସାଧନାଗୁଡିକର ଉଦ୍ଦେଶ୍ୟ ହେଉଛି ଶରୀର, ମନ ଓ ଇନ୍ଦ୍ରିୟଗୁଡିକୁ ମାରିବା ନୁହେଁ, ବରଂ ଖରାପ ଅଭ୍ୟାସ କାରଣରୁ ବିଷୟଗୁଡିକ ପ୍ରତି ଏମାନଙ୍କର ଅତ୍ୟଧିକ ସଂଲିପ୍ତତା ଓ ଆସକ୍ତି ଉପରେ ଅଙ୍କୁଶ ଲଗାଇବା, ଯାହା ଖରାପ ଆଦତ ରୂପରେ, କୌଣସି ଅଭ୍ୟାସ ପରି ବ୍ୟକ୍ତିର ଜୀବନକୁ ଭିତରୁ ପୋଲା କରି ଦେଇଥାଏ । ନିଜର ବିବେକ ଆଧାରରେ ସାଧକ ବହିର୍ମୁଖି ଇନ୍ଦ୍ରିୟଗୁଡିକୁ ଓ ମନକୁ ଅନୁଶାସିତ କରିଥାଏ ଏବଂ ନିଜର ନିୟନ୍ତ୍ରଣ ସ୍ଥାପନ କରିଥାଏ । ବର୍ତ୍ତମାନ ସଂଚାର କ୍ରାନ୍ତିର ଯୁଗରେ ଯେତେବେଳେ ଭୋଗବାଦର ତୋଫାନରେ ବ୍ୟକ୍ତି କୁଟା ପରି ଉଡୁଛି, ବିଷୟ ଭୋଗଗୁଡିକରେ ଆକଣ୍ଠ ସଂଲିପ୍ତ ହେଉଛି, ଏପରି ସ୍ଥିତିରେ ପ୍ରତ୍ୟାହାରର ମହତ୍ତ୍ୱ ବଢ଼ିଯାଏ । ସ୍ମାର୍ଟ ଫୋନ ନିଜର ଅନେକ ଉପଯୋଗିତା ସତ୍ତ୍ୱେ ନିଜର ମାୟାବୀ ସ୍ୱରୂପ କାରଣରୁ ବିରାଟ ଆହ୍ୱାନ ଓ ସମସ୍ୟା ରୂପେ ସମ୍ମୁଖରେ ଠିଆ ହୋଇଛି । ପିଲା ହୁଅନ୍ତୁ ଅଥବା ବୁଢ଼ା, ଯୁବା ହୁଅନ୍ତୁ ଅଥବା କିଶୋର, ସ୍ତ୍ରୀ ହୁଅନ୍ତୁ ବା ପୁରୁଷ ସମସ୍ତେ ଏହାର ପଞ୍ଝାରେ କବଳିତ ଆଉ ତୁରନ୍ତ ଏହାର ଉପଯୋଗ କରିଥାନ୍ତି । ଏପରି ସ୍ଥିତି ହୋଇଯାଇଛି ଯେ ଅଧିକାଂଶ ବ୍ୟକ୍ତି ଏହା ବିନା ରହି ପାରନ୍ତି ନାହିଁ । ଏହାରଅତ୍ୟଧିକ ଉପଯୋଗ ସହିତ ଏହାର ଦୁରୁପଯୋଗ ଜୀବନର ସୁଖ ଶାନ୍ତି ଏବଂ ସନ୍ତୁଳନକୁ ଛଡ଼ାଇ ନେଇଛି ତଥା ବ୍ୟକ୍ତି ଅନେକ ପ୍ରକାର ବିକୃତିର ଶିକାର ହେଉଛି ।

ଏହାର ଅତ୍ୟଧିକ ଉପଯୋଗ ବ୍ୟକ୍ତିର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । କ୍ରମାଗତ ଅପଲକ ନୟନରେ ଫୋନ ସ୍କ୍ରିନକୁ ଦେଖିବା ଦ୍ୱାରା ଆଖି ଶୁଖିଯାଏ । ଏହା ଦ୍ୱାରା ବ୍ୟକ୍ତିର ଆଖି ଦୁର୍ବଳ ହୋଇଯାଏ, ଦ୍ୱିତୀୟରେ ତା'ର ସ୍ମରଣ ଶକ୍ତି ଓ ଏକାଗ୍ରତା କ୍ଷୟ ହେବାକୁ ଲାଗେ । ମନର ଅସ୍ଥିରତା ଓ ଚଞ୍ଚଳତା ବଢ଼ିଯାଏ । ସେତେବେଳେ ଜୀବନର ଦୈନିକ କାର୍ଯ୍ୟ ଓ କର୍ତ୍ତବ୍ୟ ମଧ ସହି ଢ଼ଙ୍ଗରେ ନିର୍ବାହ ହୋଇ ପାରି ନ ଥାଏ । ଏହା ପରସ୍ପର ସମ୍ବନ୍ଧରେ ମଧ ବିସଙ୍ଗତି ସୃଷ୍ଟି କରିଥାଏ । କିଏ, କେଉଁ କଥା ପାଇଁ କାହିଁକି ଅସ୍ତବ୍ୟସ୍ତ ରହୁଛି, ରୁଷୁଛି, ଏହାର ଅନୁମାନ କରିବା କଠିନ ହୋଇଥାଏ ଆଉ ବ୍ୟକ୍ତି ଅନାବଶ୍ୟକ ଆବେଶ, ଚିନ୍ତା ଓ ଦ୍ୱିଧା ଅବସ୍ଥାରେ ରହିଥାଏ ।

ଆଜି ସ୍ମାର୍ଟ ଫୋନର କବଳରୁ ଲୋକମାନଙ୍କୁ ବାହାରକୁ ବାହା କରିବା ପାଇଁ ଡିଜିଟାଲ ଡିଟୋକ୍ସର କଥା କୁହାଯାଉଛି ଏବଂ ଏହାର କେନ୍ଦ୍ର ଖୋଲି ଗଲାଣି । ଏଥିରେ ଚାଲୁଥିବା ଉପଚାରଗୁଡିକୁ ଯୋଗ ଭାଷାରେ ପ୍ରତ୍ୟାହାରର ପ୍ରକ୍ରିୟା କୁହାଯାଇ ପାରେ । ଆପଣ ଚାହିଁଲେ ନିଜ ଘରେ କିଛି ସପ୍ତାହ ପାଇଁ ନିଜ ଫୋନର ଇଣ୍ଟରନେଟ ସୁବିଧାକୁ ବନ୍ଦ କରି ଦିଅନ୍ତୁ ଅଥବା ଏହାର ସୀମିତ ଉପଯୋଗ କରନ୍ତୁ । ଏହି ପ୍ରକାର ପ୍ରୟୋଗ ଆପଣ କରି ପାରନ୍ତି । ଯଦି କୌଣସି ସମ୍ବାଦ କରିବାର ଅଛି ତ ମୋବାଇଲ ମେସେଞ୍ଜର ମାଧମରେ କରି ପାରନ୍ତି ଅଥବା ମେଲ ମାଧମରେ ଆବଶ୍ୟକ କାର୍ଯ୍ୟ କରି ପାରନ୍ତି । ସ୍ମାର୍ଟ ଫୋନ ଦ୍ୱାରା ଅସ୍ଥିରତା ଓ ଆବେଶର କାରଣ ସୃଷ୍ଟି କରୁଥିବା ସୋସିଆଲ ମିଡିଆ ଆପ୍ସକୁ ସାମୟିକ ରୂପେ ନିଷ୍କ୍ରିୟ କରି ଦିଅନ୍ତୁ, ଅଧିକ ଆବଶ୍ୟକ ହେଲେ ନିଜର କମ୍ପ୍ୟୁଟର ସିଷ୍ଟମ ଦ୍ୱାରା ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକୁ ପୂର୍ଣ୍ଣ କରି ନିଅନ୍ତୁ । ଆବଶ୍ୟକ ହେଲେ ଏହି ଆପ୍ସକୁ ଅସ୍ଥାୟୀ ରୂପେ ଚାଲୁକରି ପାରନ୍ତି ଏବଂ ପ୍ରତି ମୁହୂର୍ତ୍ତରେ ଅନାବଶ୍ୟକ ସୂଚନାର ବନ୍ୟାରୁ ରକ୍ଷା ପାଇ ପାରନ୍ତି ।

ପ୍ରତ୍ୟାହାରର ଏହି ପ୍ରୟୋଗ ଆପଣଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ବହୁତ ଉପଯୋଗୀ ସିଦ୍ଧ ହେବ, ଦୁଇ ଚାରି ସପ୍ତାହ ଯଦି ଏହାକୁ ଗ୍ରହଣ କରାଯାଏ ତ ମନ ହରାଇଥିବା ଲୟ ପୁଣି ଫେରି ଆସିବ । ଏକାଗ୍ରତା ଓ ସ୍ମରଣ ଶକ୍ତି ମଧ ବୃଦ୍ଧି ହେବ । ଆପଣଙ୍କ ପାଖରେ କାମ କରିବା ପାଇଁ ଅତିରିକ୍ତ ସମୟ ବଞ୍ଚିବ, ଯେଉଁଥିରେ ଆପଣ କେତେ ପ୍ରକାରର ଆବଶ୍ୟକ କାର୍ଯ୍ୟକୁ ପୂର୍ଣ୍ଣ କରି ପାରିବେ । ଏହା ସହିତ ଆପଣଙ୍କ କାର୍ଯ୍ୟ କ୍ଷମତାରେ ବୃଦ୍ଧି ହେବ, ପ୍ରତିଭା ପରିଷ୍କୃତ ହେବ, ସବୁଠାରୁ ଉତ୍ତମ ହେବ ଆପଣ ଜଣେ ସ୍ୱାମୀ ପରି ମୋବାଇଲକୁ ଉପଯୋଗ କରନ୍ତ, ଗୋଲାମ ପରି ନୁହେଁ । ପ୍ରତ୍ୟାହାରର ଏହି ପ୍ରୟୋଗ ଆପଣଙ୍କୁ ଯୋଗ ପଥର ଉଚ୍ଚତର ଆୟାମରେ ପହଞ୍ଚାଇ ଦେବ ।

# ସାମ୍ବାଦିକଙ୍କ ନୋବେଲ ପୁରସ୍କାର ଅଭିଭାଷଣ

ଡକ୍ଟର ପ୍ରଦୀପ ମହାପାତ୍ର
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ନୋବେଲ ଶାନ୍ତି ପୁରସ୍କାର ୨୦୨୧ ବିଜୟୀ ଦୁଇ ସାମ୍ବାଦିକ ଋଷର ଦିମିତ୍ରୀ ମୁରାତାଭ ଓ ଫିଲିପାଇନ୍ସର ମୋରିଆ ରେସା ଆନୁଷ୍ଠାନିକ ଭାବେ ନରୱେର ଓସଲା ସିଟି ହଲରେ ୧୦ ଡ଼ିସେମ୍ବର ୨୦୨୧ରେ ପୁରସ୍କାର ଗ୍ରହଣ କରିଥିଲେ । ସାଧାରଣରେ ନୋବେଲ ପୁରସ୍କାର ଗ୍ରହଣ ଅବସରରେ ବିଜୟୀମାନେ ପୁରସ୍କାର ଗ୍ରହଣ ଅଭିଭାଷଣ 'ଏକ୍ସେପ୍ଟେନ୍ସ ସ୍ପିଚ' ପ୍ରଦାନ କରିଥାନ୍ତି । ଏହାକୁ ନୋବେଲ ପୁରସ୍କାର ଅଭିଭାଷଣ 'ନୋବେଲ ପ୍ରାଇଜ ଲେକଚର' କୁହାଯାଏ । ଏହି ଅଭିଭାଷଣ ଗୁଡ଼ିକ ସଂପୃକ୍ତ ବିଷୟରେ ସମକାଳୀନ ସାମାଜିକ ବ୍ୟବସ୍ଥାର ପ୍ରତିଫଳନ ବୋଲି ବିଚାର କରାଯାଏ ।

ବିଶ୍ୱବ୍ୟାପୀ ସାମ୍ବାଦିକତା ବ୍ୟାପକ ପରିବର୍ତ୍ତନର ମାଡ଼ରେ ପହଞ୍ଚିଥିବା ସମୟରେ ଋଷ ଓ ଫିଲିପାଇନ୍ସର ଦୁଇ ସାମ୍ବାଦିକ ନୋବଲ ଶାନ୍ତି ପୁରସ୍କାର ପାଇଛନ୍ତି । ସ୍ୱାଭାବିକ ଭାବେ ସେମାନଙ୍କ ପୁରସ୍କାର ଅଭିଭାଷଣରେ ସାଂପ୍ରତିକ ପ୍ରେକ୍ଷାପଟ୍ଟରେ ସାମ୍ବାଦିକତାର ଭୂମିକା ବର୍ଣ୍ଣିତ । ଏହି ଦୁଇ ଅଭିଭାଷଣ ଅନୁଶୀଳନରେ ଗଣମାଧ୍ୟମ-କେନ୍ଦ୍ରୀକ ସାମାଜିକ ବ୍ୟବସ୍ଥାରେ ନିକଟ ଅତୀତ ଓ ସମ୍ଭାବ୍ୟ ଭବିଷ୍ୟତର ଚିତ୍ର ସଂପର୍କରେ ସ୍ପଷ୍ଟ ସୂଚନା ମିଳିଥାଏ ।

ଦିମିତ୍ରୀ ମୁରାତାଭ ନିଜ ଅଭିଭାଷଣରେ ମୁଖ୍ୟତଃ ବିଶ୍ୱବ୍ୟାପୀ ରାଜନୈତିକ ସ୍ତରରେ ଏକଚ୍ଛତ୍ରବାଦ ମୁଣ୍ଡ ଟେକୁଥିବା ହେତୁ ଉଦବେଗ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ଏଣିକି ରାଷ୍ଟ୍ରୀୟ ବିକାଶ ନିମନ୍ତେ ସ୍ୱାଧୀନତା ଓ ମାନବାଧିକାର ବଦଳରେ ବୈଷୟିକ ପ୍ରଗତି ଓ ହିଂସାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି । ଯୁଦ୍ଧଖୋର ମନୋଭାବର ବ୍ୟାପକ ପ୍ରଚାର ଫଳରେ ଜନସାଧାରଣ କ୍ରମଶଃ ଯୁଦ୍ଧକୁ ଏକ ସ୍ୱାଭାବିକ ପ୍ରକ୍ରିୟାଭାବେ ଗ୍ରହଣ କରିନେବାକୁ ବସିଲେଣି । ଏତାଦୃଶ ମତବାଦର ପ୍ରଚାର ଓ ପ୍ରସାରରେ ଗଣମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏହି ଅବକ୍ଷୟ ମୁଖୀ ସାମାଜିକ ବ୍ୟବସ୍ଥା ସଜାଡ଼ିବାରେ ସାମ୍ବାଦିକତାର ଭୂମିକା ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ।

ସତ୍ୟ ଓ ଅସତ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା ସମକାଳୀନ ସାମ୍ବାଦିକତାର ମୂଳ ଲକ୍ଷ୍ୟ 'ମିସନ' ହେବା ଉଚିତ । ଆଧୁନିକ ତଥ୍ୟ ଭିତ୍ତିକ ସାମ୍ବାଦିକତା 'ଡ଼ାଟା ଜର୍ଣ୍ଣାଲିଜମ' ପ୍ରଚଳନରେ ଉଦୀୟମାନ ସାମ୍ବାଦିକମାନେ ସତ୍ୟ ଉଦଘାଟନ ନିମନ୍ତେ ପରିସଂଖ୍ୟାନର ସାହାଯ୍ୟ ଗ୍ରହଣ କରୁଛନ୍ତି । ଉଦାହରଣରେ ବେଲାଋଷରେ ଶରଣାର୍ଥୀ ସମସ୍ୟାର ସତ୍ୟାସତ୍ୟ ପ୍ରତିପାଦନ ନିମନ୍ତେ କିଛି ସାମ୍ବାଦିକ ସ୍ୱାଭାବିକ ସମୟରେ କେତେ ଗୋଟି ବିମାନ ଉଡ଼ାଣରେ ମଧ୍ୟ ପ୍ରାଚ୍ୟରୁ କେତେ ସଂଖ୍ୟକ ଯାତ୍ରୀ ବେଲାଋଷକୁ ଆସୁଥିଲେ ଏବଂ ସଂଘର୍ଷପୂର୍ଣ୍ଣ ସମୟସୀମାରେ ବିମାନ ଉଡ଼ାଣ ଓ ଯାତ୍ରୀ ସଂଖ୍ୟାର ତୁଳନାତ୍ମକ ବିବରଣୀ ପ୍ରଦାନ କରୁଥିବା ଦର୍ଶାଇଥିଲେ । ଏହି ଭଳି କ୍ଷେତ୍ରରେ ପରିସଂଖ୍ୟାନ ହିଁ ସତ୍ୟତା ପରିପ୍ରକାଶ କରିଥାଏ ।

ରାଷ୍ଟ୍ରୀୟ ସ୍ୱାଭିମାନରେ ଉଦବୁଦ୍ଧ କରି ନାଗରିକମାନଙ୍କୁ ଦେଶ ପାଇଁ ପ୍ରାଣବଳୀ ଦେବା ନିମନ୍ତେ ଉତ୍ସାହିତ କରାଯାଉଛି । କିନ୍ତୁ ରାଷ୍ଟ୍ର ପାଇଁ ବଞ୍ଚିବାଲାଗି ପ୍ରୋତ୍ସାହନ କ୍ରମଶଃ ଉଭେଇ ଯିବାକୁ ବସିଲାଣି । ଦିମିତ୍ରୀ ମୁରାତାଭ ଅନୁସନ୍ଧାନମୂଳକ ସାମ୍ବାଦିକତା ସତ୍ୟ ଉଦଘାଟନ କରୁଥିବା ଦର୍ଶାଇଥିଲେ । ବୃତ୍ତିଧାରୀ ସାମ୍ବାଦିକମାନଙ୍କୁ ପ୍ରଭାବିତ କରିବା ତଥା ଚପାଇ ଦେବା ଉଦ୍ୟମର ଘୋର ନିନ୍ଦା କରିଥିଲେ । ସାମ୍ବାଦିକମାନେ ହିଂସାର ଶିକାର ହୋଇ ଅକାଳରେ ମୃତ୍ୟୁମୁଖରେ ନ ପଡ଼ି ପ୍ରାକୃତିକ ଭାବେ ବୃଦ୍ଧାବସ୍ଥା ଯାଏଁ ଜୀବିତ ରହିବା ନିମନ୍ତେ ପରିବେଶ ସୃଷ୍ଟି ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ମୋରିଆ ରେସା ନିଜ ଅଭିଭାଷଣରେ ସମକାଳୀନ ବିଶ୍ୱ ସମ୍ବାଦ ସରବରାହରେ ହାତଗଣତି ସୋସିଆଲ ମିଡ଼ିଆ ବୈଷୟିକ ପ୍ରତିଷ୍ଠାନର ଆଧିପତ୍ୟକୁ ସମାଲୋଚନା କରିଥିଲେ । ଏହି ମଞ୍ଚଗୁଡ଼ିକ ଅସତ୍ୟ, କ୍ରୋଧ ଓ ଘୃଣା ପ୍ରସାରରେ ସହାୟକ ହେଉଥିବା ଅଭିଯୋଗ ଆଣିଥିଲେ । ସେ କହିଥିଲେ ଯେ ତଥ୍ୟ ସତ୍ୟ ଉନ୍ମୋଚିତ କରେ ଏବଂ ସତ୍ୟ ବିଶ୍ୱାସ ଜନ୍ମାଇଥାଏ । ବିଶ୍ୱାସ ବ୍ୟତିରେକେ ଗଣତନ୍ତ୍ର ଅସଂଭବ । ସାମ୍ବାଦିକତା ତଥ୍ୟ, ସତ୍ୟ ଓ ବିଶ୍ୱାସ ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରିଥାଏ । ସାଂପ୍ରତିକ ପରିପ୍ରେକ୍ଷୀରେ ସ୍ୱାଧୀନ ସାମ୍ବାଦିକତାକୁ ପ୍ରୋତ୍ସାହିତ କରିବା ସମୟର ଆହ୍ୱାନ ।

ସେ ଦର୍ଶାଇଥିଲେ ଯେ ସୋସିଆଲ ମିଡ଼ିଆର ବ୍ୟାପକ ପ୍ରସାର ଉପଭୋକ୍ତାଙ୍କ ବ୍ୟକ୍ତିଗତ ତଥ୍ୟ ସଂଗ୍ରହରେ ବ୍ୟବହୃତ ହେଉଛି । ଏହି ତଥ୍ୟାବଳୀ ବ୍ୟାବସାୟିକ ଓ ରାଜନୀତିକ ସ୍ୱାର୍ଥ ସିଦ୍ଧିରେ ଉପଯୋଗ କରାଯାଉଛି । ସମୟକ୍ରମେ ଏହି ତଥ୍ୟଭିତ୍ତିକ ପୁଞ୍ଜିବାଦ 'ସରଭିଲାନ୍ସ କ୍ୟାପିଟାଲିଜମ' ପାରମ୍ପରିକ ବ୍ୟବସାୟ ଓ ରାଜନୀତିକ ଢାଞ୍ଚାର ମୂଳୋତ୍ପାଟନ କରିବା ସନ୍ଦେହ ଅସମୀଚୀନ ନୁହେଁ ।

ଉଭୟ ଦାମିତ୍ରୀ ଓ ମୋରିଆ ନିଜ ଅଭିଭାଷଣରେ ବ୍ୟକ୍ତି ସ୍ୱାଧୀନତା ନିମନ୍ତେ ସ୍ୱର ଉତ୍ତୋଳନ କରିଥିବା ଦୁଇ ନୋବେଲ ବିଜୟୀଙ୍କୁ ସ୍ମରଣ କରିଥିଲେ । ଦାମିତ୍ରୀ ୧୯୭୫ରେ ନୋବେଲ ଶାନ୍ତି ପୁରସ୍କାରପ୍ରାପ୍ତ ପରମାଣୁ ବିଜ୍ଞାନୀ ଆଣ୍ଡ୍ରେଇ ସାକାରାଭ ଏବଂ ମୋରିଆ ୧୯୩୬ ରେ ନୋବେଲ ଶାନ୍ତି ପୁରସ୍କାର ପ୍ରାପ୍ତ ଜର୍ମାନ ସାମ୍ବାଦିକ କାର୍ଲ ଭନ ଓସିଟେଜକୀଙ୍କ ଅବଦାନ ଉଲ୍ଲେଖ କରିଥିଲେ । ଏହି ଦୁଇ ନୋବେଲ୍ ଶାନ୍ତି ପୁରସ୍କାର ବିଜୟୀ ପୁରସ୍କାର ଗ୍ରହଣ ନିମନ୍ତେ ଓସଲା ଯାତ୍ରା କରିବାକୁ ତତ୍କାଳୀନ ଋଷ ଓ ଜର୍ମାନ ପ୍ରଶାସନ ଅନୁମତି ଦେଇ ନ ଥିଲେ । ମୋରିଆ କହିଥିଲେ ଯେ ବର୍ତ୍ତମାନ ଅନ୍ତତଃପକ୍ଷେ ସେମାନଙ୍କୁ ପୁରସ୍କାର ଗ୍ରହଣ ନିମନ୍ତେ ବିଦେଶ ଯାତ୍ରାକୁ ଯେ ଅନୁମତି ଦିଆଯାଇ ପାରୁଛି, ଏହା ନିଶ୍ଚିତଭାବେ ବ୍ୟକ୍ତି ସ୍ୱାଧୀନତା ଓ ମାନବାଧିକାରର ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦିଏ ।

ଫିଲିପାଇନ୍ସରେ ସାମ୍ବାଦିକତା ଅଭିଜ୍ଞତା ବର୍ଣ୍ଣନା କରି ମୋରିଆ କହିଥିଲେ ଯେ ବିଗତ ଦୁଇ ବର୍ଷରୁ କମ ସମୟ ମଧ୍ୟରେ ତାଙ୍କରି ବିରୋଧରେ ସରକାରଙ୍କ ପକ୍ଷରୁ ମକଦ୍ଦମାମାନ ରୁଜୁ ହୋଇ ଦଶ ଗୋଟି ଗିରଫ ପରୱାନା ଜାରୀ କରାଯାଇଛି । ଏଗୁଡ଼ିକ ଦଣ୍ଡରେ ରୂପାନ୍ତରିତ ହେଲେ ସେ ଶହେ ବର୍ଷ ଜେଲ ଭୋଗିବେ । ମୋରିଆ ପୁରସ୍କାର ଗ୍ରହଣ ନିମନ୍ତେ ଓସଲା ଆସିପାରିବେ କି ନାହିଁ ସେ ସଂପର୍କରେ ଶେଷ ଯାଏଁ ନିଶ୍ଚିତ ନ ଥିଲେ । ବନ୍ଦୀଶାଳାରେ ବାକିତକ ଜୀବନ କଟାଇବା ବିପଦ ସଂପର୍କରେ ସେ ସଦାସର୍ବଦା ସନ୍ଦୀହାନ ଅବସ୍ଥାରେ କାଳାତିପାତ କରି ଆସୁଛନ୍ତି ।

ଦାମିତ୍ରୀ ଓ ମୋରିଆଙ୍କ ନୋବେଲ ଶାନ୍ତି ପୁରସ୍କାର ଗ୍ରହଣ ଅଭିଭାଷଣ କିପରି ସମକାଳୀନ ସାମ୍ବାଦିକତା ଏକଚ୍ଛତ୍ର ରାଜନୀତିକ ମତବାଦ ଓ ପୁଞ୍ଜିବାଦୀ ବୈଷୟିକ ସ୍ଥିତିର ବନ୍ଧନୀରେ ଆବଦ୍ଧ ହୋଇ ପଡ଼ିଛି ତାହାର ନିଚ୍ଛକ ଚିତ୍ର ପ୍ରଦାନ କରିଥାଏ । ବିଡ଼ମ୍ବନାର ବିଷୟ ଏହି ଯେ ସାଧାରଣ ନାଗରିକ ଏତାଦୃଶ ବିପଦ ସଂପର୍କରେ ଅଜ୍ଞ । ସାମାଜିକ ଓ ବୈଷୟିକ ପ୍ରଗତି ସାମ୍ବାଦିକତାକୁ ସର୍ବୋଚ୍ଚ ବଦଳରେ ସର୍ବନିମ୍ନସ୍ତରକୁ ଠେଲି ଦେଉଥିବା ଘଟଣାକ୍ରମ ଅସ୍ୱାଭାବିକ ମନେହୁଏ ।

## ଆଜିର ଚିନ୍ତନ

ପରମାୟୁ ସରି ଆସିଲେ ମନୁଷ୍ୟ ଦୁର୍ବଳ ହୋଇ ରୋଗୀ ହୋଇଯାଏ । ଭଗବାନ ବିଷ୍ଣୁ ସ୍ୱବାହନ ଗରୁଡ଼ଙ୍କୁ କହୁଛନ୍ତି ଦୁର୍ବଳ, ଗତିହୀନ, ଶଯ୍ୟାଶାୟୀ ହୋଇ ରହେ ମରଣାସନ୍ନ ବ୍ୟକ୍ତି, ହରି ଦର୍ଶନ ବଦଳରେ ବାଞ୍ଛା କରେ ସ୍ୱଜନ, ପରିଜନମାନଙ୍କୁ ଦେଖିବା ପାଇଁ,ଭଗବତ ବାଣୀ ତା'ର କର୍ଣ୍ଣକଟୁ ହୁଏ । ପ୍ରାଣବାୟୁ ଚାଲିଯିବା ସମୟ ଉପସ୍ଥିତ । ନାଡ଼ି ସବୁ ଶିଥିଳ ହୋଇଯାଏ । ଶ୍ୱାସ ନଳୀରେ କଫ ଭରିଯାଏ । ଆଖି ଓଲଟି ଯାଏ । କଣ୍ଠରୁଦ୍ଧ ହୋଇ ଯାଇ ଘର୍ ଘୁର୍ ଶବ୍ଦ କରେ । ଚିନ୍ତାମଗ୍ନ ସ୍ୱଜନ ପରିବୃତ ସେହି ମରଣାସନ୍ନ ମନୁଷ୍ୟ ଶୋଇ ରହି କାଳପାଶ ବଶୀଭୂତ ହୋଇଥିବା କାରଣରୁ ଡ଼ାକିଲେ ମଧ୍ୟ ଶୁଣେ ନାହିଁ । ଏହି ପ୍ରକାରେ କୁଟୁମ୍ବର ଭରଣ ପୋଷଣରେ ହିଁ ନିରନ୍ତର ଲାଗି ରହିଥିବା ଅଜିତେନ୍ଦ୍ରିୟ ବ୍ୟକ୍ତି ପ୍ରାଣାନ୍ତ ସମୟରେ କାନ୍ଦୁଥିବା, ମଥା ପିଟୁଥିବା ବନ୍ଧୁବାନ୍ଧବ ପରିବାର ପରିଜନ ମଧ୍ୟରେ ଉତ୍କଟ ବେଦନାରେ ସଂଜ୍ଞାଶୂନ୍ୟ ହୋଇ ମରିଯାଏ । ହେ ଗରୁଡ଼ ! ଅନ୍ତିମ କ୍ଷଣରେ ମନୁଷ୍ୟକୁ ବ୍ୟାପକ ଦୃଷ୍ଟି ପ୍ରାପ୍ତ ହୋଇଥାଏ । ଯଦ୍ଦ୍ୱାରା ସେ ଇହଲୋକ ପରଲୋକ ଏକତ୍ର ଦେଖିବାରେ ଲାଗିଥାଏ । ତା ପାଖରେ ତାର ଦିବଂଗତ ପ୍ରିୟ ପରିଜନ ବାପା ମା ବନ୍ଧୁଙ୍କୁ ଦେଖି ବିଲିବିଲେଇ ଥାଏ । ଏହା ସନ୍ନିପାତ ଅବସ୍ଥା । ପାଖରେ ଥିବା ଲୋକେ ଜାଣିପାରନ୍ତି, ମୃତ୍ୟୁ ସନ୍ନିକଟ ଯମଦୂତମାନେ ତା' ପାଖରେ ପ୍ରବେଶ କଲା ଭଳି ତାକୁ ଲାଗେ । ସତ୍ୟ ଚେତନା ଜଡ଼ିଭୂତ ହୋଇଯାଏ ଏବଂ ତା'ର ପ୍ରାଣ ଚଳାୟମାନ ହୋଇଯାଏ । ଏହି ଆତୁର କଳାରେ ପ୍ରାଣବାୟୁ ସ୍ୱସ୍ଥାନରୁ ବାହାରି ଯିବା ପରେ ମରଣାସନ୍ନ ବ୍ୟକ୍ତିଙ୍କୁ ଏକ କ୍ଷଣ ମଧ୍ୟ ଏକ ଯୁଗ ପରି ପ୍ରତୀତ ହୁଏ ଏବଂ ଶତ ସହସ୍ର ବୃଶ୍ଚିକ ଦଂଶନର ପୀଡ଼ା ସେ ଅନୁଭବ କରି ମା', ବାପାଙ୍କୁ ଡାକେ । ପାଟିକୁ ଲାଳ, ଫେଣ ବହି ଚାଲେ । ଅନ୍ତିମ ସମୟ ଅତ୍ୟନ୍ତ ଦୁଃଖଦ । ଜନ୍ମ, କଷ୍ଟ, ମୃତ କଷ୍ଟ ବିଶେଷ କଷ୍ଟଦାୟକ । ଏଥିରେ ସନ୍ଦେହ ନାହିଁ । ପାଦରେ କଣ୍ଟାଟିଏ ଫୋଡ଼ି ହୋଇଗଲେ କଷ୍ଟ ହୁଏ ଓ ପାଟିରୁ ଅନିଚ୍ଛାକୃତ ଭାବେ ବାହାରି ପଡ଼େ ଓଃ । ଯେତେବେଳେ ଲକ୍ଷ ଲକ୍ଷ ଜୀବ କୋଷରୁ ଜୀବନ ଚାଲିଯାଏ, ସେ ସମୟରେ କିପରି କଷ୍ଟ ହେଉ ନ ଥିବ, କିଏ କହିବ ? ସେ ବ୍ୟକ୍ତି ତ ଚେତନାଶୂନ୍ୟ । ଥରେ ଗଲେ ତ ସେ ରୂପରେ, ସେ ଶରୀରରେ ଆଉ ଫେରେ ନାହିଁ । ମରଣ ସମୟର କଷ୍ଟ ସେ ଅନ୍ୟଙ୍କୁ କିପରି କହି ପାରିବ ? ପାପୀ ଜନଙ୍କର ପ୍ରାଣବାୟୁ ଅଧୋଦ୍ୱାର ଅର୍ଥାତ୍ ଗୁହ୍ୟ ଦ୍ୱାର ଦେଇ ବାହାରିଯାଏ ବୋଲି ଶ୍ରୀହରି ବିଷ୍ଣୁ ଗରୁଡ଼ଙ୍କୁ ବୁଝାଇଛନ୍ତି । ଏସବୁ ଦୃଷ୍ଟିରୁ ମୃତ୍ୟୁ ଭୟ ମନୁଷ୍ୟ କ'ଣ, ପ୍ରତ୍ୟେକ ଜୀବ ପାଇଁ ସର୍ବାଧିକ ଭୟ । ମରଣ ଭୟ ନ ଥିଲେ ପାପ କରିବାକୁ କେହି ଡରନ୍ତ ନାହିଁ ।

# ମଣିଷ ଜୀବନ ଓ ବାସ୍ତବତା

ସୁକାନ୍ତି ଗଡ଼ତିଆ

ମଣିଷ ଜୀବନ ସହଜ, ସରଳ ଓ ନିରାପଦ ହୋଇ ନ ଥାଏ । ମଣିଷ ଜୀବନର ପ୍ରତିକ୍ଷଣରେ ବାଧାବିଘ୍ନ, ହତାଶା, ନିରାଶା, ସମସ୍ୟା, ରୋଗ, ଉତ୍ପୀଡ଼ନ ଆଦି ବିଭିନ୍ନ ସ୍ତର ମାଧ୍ୟମରେ ଗତି କରିବାକୁ ପଡ଼ିଥାଏ । ମଣିଷ ଜୀବନର ଘାତ ପ୍ରତିଘାତ ମଣିଷକୁ ହତାଶା ଓ ନିରାଶା ମଧ୍ୟରେ ଆବଦ୍ଧ କରିଥାଏ ଏବଂ ସେ ସବୁ ବିଷୟ ଓ ସମସ୍ୟାର ପରିଧି ମାଧ୍ୟମରେ ଗତାନୁଗତିକ ଭାବରେ ଅତିବାହିତ ହେବାକୁ ପଡ଼ିଥାଏ । ମଣିଷର ଜୀବନ ପଥ କଣ୍ଟକମୟ ପରିସର ମାଧ୍ୟମରେ ଗତାନୁଗତିକ ଜୀବନ ମଧ୍ୟରେ ଆଗକୁ ପଦେ ଦି ପାଦ ଆଗେଇଯିବାକୁ ପଡିଥାଏ । କେତେବେଳେ ସଫଳତା ଆଉ କେବେ ନିରାଶା ତଥା ହତାଶ ଆଦି ଦ୍ୱନ୍ଦ ମଧ୍ୟରେ ଗତାନୁଗତିକ ଭାବରେ ଅତିବାହିତ ହେବା ସହିତ ମଣିଷର ଜୀବନ ଧାରାକୁ ଆଗେଇ ନେବାରେ ପ୍ରଚେଷ୍ଟା କରିବାକୁ ପଡିଥାଏ । ଏହା ସ୍ୱାଭାବିକ ତଥା କଣ୍ଟକମୟ ଜୀବନଧାରାକୁ ଆଗେଇନେବାକୁ ହୋଇଥାଏ, ତଥାପି ଆଶା, ଆକାଂକ୍ଷା ଓ ସଫଳତା ଆଦି ସକାରାତ୍ମକ ପରିଧି ମାଧ୍ୟମରେ ସହଜ ଓ ସରଳ ଭାବରେ ନିଜକୁ ଆବଦ୍ଧ କରିବା ସହିତ ନିଜର ଜୀବନଧାରା ଓ ଜୀବନପଥକୁ ସହଜ ଓ ସରଳ କରିବା ପାଇଁ ଯଥେଷ୍ଟ ପ୍ରୟାସ କରିବାକୁ ପଡିଥାଏ । ଏହି ପରିସ୍ଥିତି ପାଇଁ ମଣିଷ ମଧ୍ୟ ବାଧ ବାଧକତା ପରିସ୍ଥିତି ଓ ପରିବେଶ ମଧ୍ୟରେ ଆଗେଇନେବା ସହିତ ଅଗ୍ରସର ହେବାକୁ ପଡିଥାଏ । ଏହା ହିଁ ବାସ୍ତବ ମାନବ ଜୀବନଧାରାର ପାହାଚ ହୋଇଥାଏ । ମଣିଷ ଜୀବନର ଆଶାନୁରୂପ ସଫଳତା ଦିଗରେ ବିଭିନ୍ନ ସ୍ତର ଓ ମାଧ୍ୟମରେ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଉଛି । ସେଥିରେ ଅଧିକାଂଶ କାର୍ଯ୍ୟକ୍ରମ ସଫଳତା ଆଡକୁ ଆଗେଇ ଚାଲିଥିବା ବେଳେ ଅନ୍ୟ କେତେକ ସ୍ଥାଣୁ ହୋଇ ଯାଇଥାଏ । ଏପରିକି କେତେକ କ୍ଷେତ୍ରରେ କାର୍ଯ୍ୟକ୍ଷମ ଗୁଡିକ କାର୍ଯ୍ୟକାରୀ କରିବାରେ ମାନସିକ ସ୍ତରରେ ସେତେଟା କାର୍ଯ୍ୟକ୍ଷମ ହୋଇପାରେ ନାହିଁ ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

# କର୍ମଯୋଗ

କର୍ମଯୋଗର ଅତ୍ୟନ୍ତ ସୁନ୍ଦର, ବ୍ୟାପକ ଓ ଅତି ସୂକ୍ଷ୍ମ ବ୍ୟାଖ୍ୟା ଭଗବାନ ଶ୍ରୀକୃଷ୍ଣ ଭଗବଦ୍‌ଗୀତାରେ କରିଛନ୍ତି । କର୍ମ ବାନ୍ଧିଥାଏ, କର୍ମର ଶୃଙ୍ଖଳା ଅବିରାମ । ଯେଉଁ ସବୁ କାମ ଆମେ କରିଥାଉ, ସେଗୁଡିକର ପରିଣାମ ଭୋଗିବା ପାଇଁ ଆମକୁ ବିବଶ ହେବାକୁ ପଡ଼ିଥାଏ । କାଳ ଆମ ସାମନାରେ ପରିଣାମ ରଖିଥାଏ, ପରିଣାମ ଶୁଭ ହେଉ ବା ଅଶୁଭ, ଆମେ ତାକୁ ଭୋଗିବା ପାଇଁ, ସ୍ୱୀକାର କରିବା ପାଇଁ ବିବଶ ହେବାକୁ ପଡ଼ିଥାଏ ।

ଗୋଟିଏ କର୍ମ ଓ ତାହାର ପରିଣାମ, ଆଉ ଗୋଟିଏ କର୍ମ ଓ ତାହାର ପରିଣାମ, ଏହିପରି କର୍ମର ଶୃଙ୍ଖଳା ସର୍ବଦା ଜାରୀ ରହିଥାଏ । ଜୀବାତ୍ମା ଶରୀର ଥାଇ କର୍ମରୁ ମୁକ୍ତ ହୋଇପାରେ ନାହିଁ । ଶରୀର ରହୁ ବା ନ ରହୁ, କର୍ମର ପରିଣାମରୁ ମୁକ୍ତ ହେବା କଠିନ ହୋଇଥାଏ ଏବଂ ସେଥିପାଇଁ ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ ଏହି ଶୃଙ୍ଖଳା ଚାଲିଥାଏ । ଆମ ଜୀବନରେ ଏମିତି କୌଣସି କ୍ଷଣ ନାହିଁ, ଯେତେବେଳେ ଆମେ କର୍ମ କରୁ ନ ଥିବା । ପ୍ରତିକ୍ଷଣ ଆମ ଦ୍ୱାରା କୌଣସି ନା କୌଣସି ପ୍ରକାର କର୍ମ ହୋଇଥାଏ, ତେଣୁ ପ୍ରଶ୍ନ ଉଠୁଛି ଯେ କର୍ମବନ୍ଧନରୁ କ'ଣ କେବେ ମୁକ୍ତି ମିଳି ପାରିବ ନାହିଁ ?

ଭଗବାନ ଶ୍ରୀକୃଷ୍ଣ ଏହାର ଉପାୟ ବତାଇଛନ୍ତି କର୍ମଯୋଗ । କର୍ମଯୋଗର ଆଚରଣ ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ । କୁହାଯାଏ ଯେ ଏହି ଧର୍ମର କିଛି ଆଚରଣ ଅର୍ଥାତ୍ କର୍ମଯୋଗର ଆଚରଣ ଆମକୁ ଜୀବନ ମରଣର ମହାନ୍ ଭୟରୁ ତ୍ରାଣ କରିଥାଏ । ଭଗବାନ ଶ୍ରୀକୃଷ୍ଣ ଏହାର ବିଶଦ ଉପଦେଶ ଦେଇଛନ୍ତି ଯେ ଶରୀର ଥିବାରୁ କର୍ମ ତ ହେବ ନିଶ୍ଚୟ, କିନ୍ତୁ କର୍ମଗୁଡିକୁ ଏପରି ବିଧିରେ କରାଯିବ, ଏପରି ଢ଼ଙ୍ଗରେ କରାଯିବ, ଏପରି ଶୈଳୀରେ କରାଯିବ, ଏପରି ଉପାୟରେ କରାଯିବ ଯେ କର୍ମ କରି ମଧ ଆମେ କର୍ମବନ୍ଧନରେ ବାନ୍ଧି ହେବା ନାହିଁ । କୁହାଯାଏ ଯେ ଭଗବଦ୍‌ଗୀତାରେ ଯେଉଁ କର୍ମଯୋଗର କଥା କୁହାଯାଇଛି, ଅନାସକ୍ତିର ଯେଉଁ କଥା କୁହାଯାଇଛି ଏହାର ଉଲ୍ଲେଖ ଈଶାବାସ୍ୟୋପନିଷଦ୍‌ରେ ମଧ ମିଳିଥାଏ- ଏ ସାରା ଜଗତ ଈଶ୍ୱରୀୟ ସତ୍ତା ଦ୍ୱାରା, ଈଶ୍ୱରୀୟ ଚେତନା ଦ୍ୱାରା ପରିବ୍ୟାପ୍ତ । ଈଶ୍ୱର ଏହାକୁ ଗଢ଼ିଛନ୍ତି, ଏହି ଜଗତରେ ରହ, ଜୀବନର ସୁଖ ଦୁଃଖ ଉପଭୋଗ କର, କିନ୍ତୁ 'ତେନ ତ୍ୟକ୍ତେନ' ଅର୍ଥାତ୍ ତ୍ୟାଗପୂର୍ବକ, ଅନାସକ୍ତି ପୂର୍ବକ । ଗୃଧଃ ଅର୍ଥାତ ଗିଧ ଏକ ଲୋଭୀ ପକ୍ଷୀ, ସେ ପଚାଶଢ଼ା ମୃତ ଶରୀରର ମାଂସ ପ୍ରତି ବି ଆସକ୍ତ ହୋଇଯାଏ । ମା ଗୃଧଃ କସ୍ୟ ସ୍ୱିଦ୍ ଧନମ୍, ସେହି ଆସକ୍ତି, ଲୋଭ, ସେହି ଗିଧପଣିଆ, ସେହି ଗିଧ ଦୃଷ୍ଟି ଆମ ଭିତରେ ନ ଆସୁ, କାରଣ ଦିନେ ଏଇ ଜୀବନ ସମାପ୍ତ ହୋଇଯିବ । ଏ ଜୀବନ ଶାଶ୍ୱତ ନୁହେଁ, ବରଂ ନଶ୍ୱର ।

କର୍ମଯୋଗର ମୂଳ କଥା, ମୂଳ ତତ୍ତ୍ୱ କ'ଣ ? ଏମିତି କ'ଣ ଅଛି ଯଦ୍ୱାରା ଆମେ କହିବା ଯେ ଏହି ଆଚରଣ ଆମର କର୍ମଯୋଗ ଅଟେ ? ଭଗବାନ ଶ୍ରୀକୃଷ୍ଣ ଗୀତାରେ କର୍ମଯୋଗର ଅନେକ ପକ୍ଷ ବିଷୟରେ କହିଛନ୍ତି । କର୍ମଯୋଗର ପ୍ରଥମ ପକ୍ଷ ହେଉଛି ଆସକ୍ତି ନ ରହୁ ଅର୍ଥାତ୍ ଆସକ୍ତିର ତ୍ୟାଗ । ଅସଙ୍ଗୋଽସ୍ତୁକର୍ମଣି ଅସଙ୍ଗ ଭାବରେ ଅର୍ଥାତ୍ ଅସଙ୍ଗ ହୋଇ କର୍ମ କର, କର୍ମରେ ଆସକ୍ତି ନ ରହୁ ଆସକ୍ତି ନ ହେଲେ କର୍ମ ବାନ୍ଧିବ ନାହିଁ । ଶ୍ରୀରାମକୃଷ୍ଣ ପରମହଂସ କହୁଥିଲେ ଯେ, ହାତରେ ପଣସ କାଟିବାକୁ ହେଲେ କଡ଼ା ସୋରିଷତେଲ ଲଗାଇ କାଟ । ତେଲ ଲଗାଇ ପଣସ କାଟିଲେ କାଟିବା ସମୟରେ ଏହା ହାତରେ ଲାଗିବ ନାହିଁ, ଅନ୍ୟଥା ବିନା ତେଲରେ ଏହା ଲାଗିଯିବ । ଅନାସକ୍ତି ମଧ ସେହି ତେଲ ଭଳି, ଯଦ୍ୱାରା କର୍ମ ଲାଗିବ ନାହିଁ, ସେଥିପାଇଁ ପ୍ରଥମ ସୂତ୍ର ହେଲା ଆସକ୍ତି ତ୍ୟାଗ । ଆମ ଜୀବନରେ ସମସ୍ତ ବିସଙ୍ଗତି, ସମସ୍ତ ଦୁଷ୍ପରିଣାମ ଆସକ୍ତିର, କର୍ମର ନୁହେଁ ।

ଗୋସ୍ୱାମୀ ତୁଳସୀଦାସ ଶ୍ରୀରାମଚରିତ ମାନସରେ କହିଛନ୍ତି - ମୋହ ସକଳ ବ୍ୟାଧିନହ କର ମୂଳା । ତିନ୍‌ହ ତେ ପୁନି ଉପଜହିଂ ବହୁ ସୂଳା । ମୋହ ମାନେ ଆସକ୍ତି ସମସ୍ତ ବ୍ୟାଧି, ଝଞ୍ଜଟ, ଜଟିଳତାର ମୂଳ, ବୀଜ ଅଟେ, ସେଥିରୁ ବହୁତ ସମସ୍ୟା, ଶୂଳ, କ୍[କ ସ୍ୱତଃ ଉପୁଜିଥାଏ ଏବଂ ଜୀବନରେ କଷ୍ଟ ମିଳିଥାଏ । ଆସକ୍ତି ଯେଉଁଠି ବି ଥାଉ, ବନ୍ଧନ ଯେଉଁଠି ବି ଥାଉ ଓ ଯେଉଁ ରୂପରେ ବି ଥାଉ ଆମେ କଷ୍ଟ ପାଇଥାଉ, ଅନେକ ଶୁଭ ଆଚରଣ କରି ମଧ ପୀଡ଼ା ଭୋଗିଥାଉ । ମହାଭାରତରେ ପିତାମହ ଭୀଷ୍ମଙ୍କ କଥା ଉଲ୍ଲେଖ ଅଛି । ଭୀଷ୍ମ ବାନ୍ଧିହୋଇ ଚାଲିଲେ ପ୍ରତିଜ୍ଞାଗୁଡିକରେ, ବଚନଗୁଡିକର ଡୋରରେ ଏବଂ କେଉଁଠି ସୂକ୍ଷ୍ମରେ ନିଜ ବଂଶର, ନିଜ ପରିବାରର ଆସକ୍ତିରେ, ବାନ୍ଧିହୋଇ ଚାଲିଲେ, ମୋ ପରିବାରର କିଛି ଅନର୍ଥ ନ ହେଉ, ମୋ ପରିବାରର କିଛି ଅନିଷ୍ଟ ନ ହେଉ, ଏପରି ଭାବି ଭାବି ଭୀଷ୍ମ ପିତାମହ ବାନ୍ଧି ହୋଇ ଚାଲିଲେ । ଭୀଷ୍ମ ପିତାମହ ବିବାହ କଲେ ନାହିଁ, ରାଜ୍ୟର ସୁଖ ଭୋଗ କଲେ ନାହିଁ, ରାଜା ବି ହେଲେ ନାହିଁ, ସର୍ବପ୍ରଥମ ଅଧିକାର ତାଙ୍କର ଥିଲା, କିନ୍ତୁ ବଂଶର ଆସକ୍ତି, ପିତାଙ୍କୁ ଦେଇଥିବା ବଚନ କାରଣରୁ ଭୀଷ୍ମ ପିତାମହଙ୍କର ସମ୍ପୂର୍ଣ୍ଣ ଜୀବନ କ୍[କାକୀର୍ଣ୍ଣ ରହିଲା ଓ ତାଙ୍କର ଅନ୍ତ ଶରଶଯ୍ୟାରେ ହେଲା, ବାଣର ଶଯ୍ୟା, ବାଣର ଶେଯରେ ହେଲା । ଜୀବନରେ ଆସକ୍ତି ଆମକୁ ଅନେକ ସଂକଟରେ ପକାଇ ଥାଏ । ଆମେ ଯେତେ ଗଭୀର ଭାବରେ ଆସକ୍ତ ହୋଇଥାଉ, ସେତେ ଗଭୀର ଭାବରେ କର୍ମବନ୍ଧନରେ ବାନ୍ଧି ହୋଇଥାଉ । ଆସକ୍ତି ନ ରହିଲେ ବନ୍ଧନ ଆମକୁ ବାନ୍ଧେ ନାହିଁ । କର୍ମର ପରିଣାମ ଆମକୁ ପ୍ରତାଡ଼ିତ କରେ ନାହିଁ, ଆମକୁ ପୀଡ଼ା ଦିଏ ନାହିଁ ।

କର୍ମଯୋଗର ଦ୍ୱିତୀୟ ପକ୍ଷ- ଭଗବଦ୍‌ଗୀତାରେ ଯେଉଁ କର୍ମଯୋଗର କଥା କୁହାଯାଇଛି, ତାହାର ସ୍ୱରୂପକୁ ବୁଝାଇ ଭଗବାନ କହିଛନ୍ତି ରାଗଦ୍ୱେଷବିଯୁକ୍ତୈସ୍ତୁ ଅର୍ଥାତ୍ ରାଗ ଦ୍ୱେଷ ଠାରୁ ଟିକେ ଅଲଗା ରହ । ରାଗ ଅର୍ଥାତ୍ ଆମେ କାହା ପ୍ରତି ଉତ୍ତମ ଭାବ ରଖିଥାଉ, ଉତ୍ତମ ବିଚାର କରିଥାଉ, ତାକୁ ଆପଣେଇବାକୁ ଚାହିଁଥାଉ, ତାକୁ ନିଜର କରିବାକୁ ଚାହିଁଥାଉ । କାହାକୁ ନିଜର କରିବା କଥା, କାହା ସହିତ ଆତ୍ମୀୟତା ଯୋଡ଼ିବା କଥା ରାଗ ଅଟେ । ରାଗ ଆମକୁ ବ୍ୟକ୍ତି, ଘଟଣାକ୍ରମେ, ପରିସ୍ଥିତି ସହିତ ବାନ୍ଧିଥାଏ ଏବଂ ଦ୍ୱେଷ ଅର୍ଥାତ୍ ଆମେ ତା'ଠାରୁ ଦୂରେଇ ଯିବାକୁ ଚାହିଁଥାଉ, ତା' ପ୍ରତି ମନରେ ବିରକ୍ତି ଓ ଶତ୍ରୁତା ପାଳିଥାଉ । ଏହିପରି ପ୍ରୀତି ଓ ଶତ୍ରୁତା ଜୀବନରେ ରାଗ ଓ ଦ୍ୱେଷ ଅଟେ ।

ଭଗବାନ କହୁଛନ୍ତି ଯେ ଏ ଦୁଇଟି ବାନ୍ଧିଥାଏ । ଯଦି ଆପଣ ରାଗରେ ବନ୍ଧା, ତ ତା' ସହିତ ଜନ୍ମ ଜନ୍ମ ପର୍ଯ୍ୟନ୍ତ ବାନ୍ଧି ହୋଇଥାନ୍ତି ଏବଂ ଯଦି ଦ୍ୱେଷରେ ବନ୍ଧା' ତ ତା' ସହିତ ଜନ୍ମ ଜନ୍ମ ପର୍ଯ୍ୟନ୍ତ ବାନ୍ଧି ହୋଇଥାନ୍ତି । ଏମିତି ନୁହେଁ ଯେ ରାଗ ଭଲ, ଦ୍ୱେଷ ଖରାପ ବା ଦ୍ୱେଷ ଭଲ ରାଗ ଖରାପ । ଯଦି ଆମେ କାହା ସହିତ ଶତ୍ରୁତା ପାଳିଛେ ତ ସେହି ଶତ୍ରୁତାକୁ ନିର୍ବାହ କରିବା ପାଇଁ ଆମେ ତା' ପଛରେ ବୁଲୁଥିବା ବା ସେ ଆମର ପଛେ ପଛେ ବୁଲିବ, ଶରୀର ଛାଡ଼ିଯିବ, ଜନ୍ମ ପରେ ଜନ୍ମ ଚାଲିଯିବ, କିନ୍ତୁ ଦ୍ୱେଷର ବନ୍ଧନ, ରାଗର ବନ୍ଧନ ଯିବ ନାହିଁ, କାରଣ ରାଗ ଓ ଦ୍ୱେଷ ଜୀବାତ୍ମାକୁ କର୍ମବନ୍ଧନରେ ବାନ୍ଧିଥାଏ । ଗୀତାରେ ଭଗବାନ କହିଛନ୍ତି ଯେ ରାଗ ଦ୍ୱେଷରୁ ମୁକ୍ତ ହୋଇ, ରାଗ ଦ୍ୱେଷକୁ କ୍ଷୀଣ କରି କର୍ମ କର, ରାଗ ଦ୍ୱେଷକୁ କ୍ଷୀଣ କରି ଯେଉଁ କର୍ମ କରାଯିବ ତାହା କର୍ମଯୋଗ ଅଟେ ।

କର୍ମଯୋଗର ତୃତୀୟ ପକ୍ଷ ଭଗବାନ କହିଛନ୍ତି ଯେ କର୍ତ୍ତାପଣିଆ ତ୍ୟାଗ କର, କାରଣ କ୍ରିୟାର ପରିଣାମ ହୋଇ ନ ଥାଏ, କର୍ମର ପରିଣାମ ହୋଇଥାଏ । ଯେବେ ସେଠାରେ ଆପଣଙ୍କ ମୁଁ ଠିଆ ହୋଇଥାଏ ମୁଁ ଉପସ୍ଥିତ ହୋଇଥାଏ ଅହଂ ଉପସ୍ଥିତି ହୋଇଥାଏ ତ ଅହଂ କହିଥାଏ ଯେ ମୁଁ କଲି, ମୁଁ ଏପରି କରିଛି ମୁଁ ଏପରି କରିବି । ଏଇ ଯେଉଁ କର୍ତ୍ତାପଣିଆ ଅଛି, କର୍ମଯୋଗରେ ଏହାର ତ୍ୟାଗ କରିବାକୁ ହୋଇଥାଏ । କର୍ତ୍ତା ରହିଲେ କର୍ମର ପରିଣାମ ନିଶ୍ଚୟ ହେବ । ଅହଂର ସଂକଳ୍ପ ରହିଲେ ପରିଣାମ ନିଶ୍ଚୟ ହେବ, କିନ୍ତୁ କର୍ତ୍ତାପଣିଆର ଭାବ ନ ରହୁ । ଏହା ଅଜବ କଥା, କିଛି ବିଚିତ୍ର କଥା ଯେ କର୍ମ ଆମେ କରୁଛେ ଓ ଆମେ କର୍ତ୍ତା ନୋହୁଁ । ଯେବେ ଆମ ଦ୍ୱାରା କର୍ମ ହେଉଛି ତ ସତ୍ୟ ହେଲା ମୁଁ କରୁଛି । ଭଗବାନ କହିଛନ୍ତି ଯେ ଏହି ସତ୍ୟ ଏତେ ସହଜ ନୁହେଁ । ସତ୍ୟ ଏତେ ସୀମିତ ନୁହେଁ । ଆପଣ ଦେଖିପାରୁ ନାହାନ୍ତି ଯେ ମୁଁ କିଏ ଓ କର୍ମ କେଉଁଠୁ ଆସୁଛି ? କୁହାଯାଏ ଯେ ଜୀବାତ୍ମା, ଅନ୍ତରାତ୍ମା, ଆତ୍ମା କେବେ ବି କର୍ମରେ ଲିପ୍ତ ହୁଏ ନାହିଁ ଏବଂ ତା ଦ୍ୱାରା କୌଣସି କର୍ମ ଘଟିତ ହୋଇ ନ ଥାଏ ।

କର୍ମଗୁଡିକର ସବୁ ଖେଳ ତ ପ୍ରକୃତିର ତିନି ଗୁଣ ସତ୍, ରଜ, ତମ ଓ ଚିତ୍ତର ବୃତ୍ତିଗୁଡିକ, ଚିତ୍ତରେ ଉଠୁଥିବା ଲହରଗୁଡିକ ଏ ସବୁର ସଂଯୋଗରେ କର୍ମ ଘଟିତ ହୋଇଥାଏ । ପ୍ରକୃତିର ତିନି ଗୁଣ ଅନୁରୂପ ପରିସ୍ଥିତି ହୋଇଥାଏ, କେଉଁଠି ସତ୍‌ର ସଘନତା ଅଛି, ତ କେଉଁଠି ରଜର ଓ କେଉଁଠି ତମର । ଆମର ଚିତ୍ତରେ ମଧ ପ୍ରକୃତିର ଏହି ତିନି ଗୁଣ ଉପସ୍ଥିତ ଥାଏ ଏବଂ ଏଗୁଡିକ କାରଣରୁ ଆମ ଭିତରେ ଭାବ ଉଠେ, ବୃତ୍ତି ଉଠେ, ଲହର ଉଠେ ଏବଂ ସେହି ଲହର ସହିତ ପ୍ରକୃତିର ତିନି ଗୁଣ ଓ ବୃତ୍ତିଗୁଡିକର ସଂଯୋଗରେ ଆମେ କିଛି କରିଥାଉ, ଚିତ୍ତ କିଛି କରିଥାଏ, କିନ୍ତୁ ଆତ୍ମା କିଛି କରି ନ ଥାଏ । ଚିତ୍ତରେ ଭାବ ଜାଗିଥାଏ, ଲହର ଉଠିଥାଏ, ଇଚ୍ଛା ଜାଗ୍ରତ ହୋଇଥାଏ, ଅଭିରୁଚି ଜାଗ୍ରତ ହୋଇଥାଏ, କଳ୍ପନା ଉଠିଥାଏ କର୍ମ ପାଇଁ ଆମେ ପ୍ରେରିତ ହୋଇଥାଉ ।

ଭଗବାନ କହିଛନ୍ତି ଯେ ଗୁଣାଃ ଗୁଣେଷୁ ବର୍ତ୍ତନ୍ତେ, ଅର୍ଥାତ୍ ଗୁଣ ହିଁ ଗୁଣରେ ପ୍ରବର୍ତ୍ତିତ ହୋଇଥାଏ ।

**ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ**

## ଟିକିଏ ହସନ୍ତୁ

ବୟଫ୍ରେଣ୍ଡ ମନୋଜକୁ ସିନୁ : ମୋର ସ୍କିନ୍ ବହୁତ ଅୟଲି ହେଇଗଲାଣି । କହିଲ ଦେଖି ମୁଁ କ'ଣ କରିବି ।
ମନୋଜ : ଗୋଟେ କାମ କର, ମୁହଁରେ ଭିମ୍ ବାର ଲଗାଅ । ଇଏ ସବୁ ତେଲିଆ ଅଂଶ ହଟେଇଦେବ ।

× × × ×

ଦାମୀ କାରରେ ବସିଥିବା ଜଣେ ମହିଳାଙ୍କୁ ଭିକାରୀ : ମା' ୧୦ ଟଙ୍କା ଦିଅ ।
ମହିଳା ଟଙ୍କା ଦେବା ପରେ ଭିକାରୀ ଖୁସିରେ ଚାଲିଯାଉଥାଏ ।
ଏହା ଦେଖି ମହିଳା : ଟଙ୍କା ନେଲ ଶୁଭମନାସୀବନି ?
ଭିକାରୀ : ମର୍ସିଡିଜରେ ତ ବସିଛନ୍ତି ।
ଆଉ କ'ଣ ରକେଟରେ ବସିବାକୁ ଇଚ୍ଛା ଅଛି ।

× × ×

ସ୍ତ୍ରୀ ବାପଘରୁ ଫେରିବାବେଳେ ସ୍ୱାମୀ କବାଟ ଖୋଲିବା ସହ ହସୁଥାନ୍ତି ।
ଏହା ଦେଖି ସ୍ତ୍ରୀ : ମତେ ଦେଖି ହସୁଛ କାହିଁକି ?
ସ୍ୱାମୀ : ମତେ ଜଣେ ସ୍ୱାମୀ କହିଛନ୍ତି, ସମସ୍ୟାକୁ ସାମନାରେ ଦେଖିଲେ ହସିବା ପାଇଁ ।



× × × ×

ସାର ପପୁକୁ ପ୍ରଶ୍ନ ପଚାରିବାରୁ ସେ ଉତ୍ତର ଦେଇ ନ ପାରି କହିଲା- ଆଜିକାଲି ମୋର କିଛି ମନେ ରହୁନି ।
ସାର୍ : କହିଲୁ ଦେଖି ମୋ ହାତରୁ କେବେ ମାଡ଼ ଖାଇଥିଲୁ ?
ପପୁ : ପୂର୍ବ ଶୁକ୍ରବାର ।
ସାର୍ : ଏଇଟା କେମିତି ମନେ ରହିଲା ?
ପପୁ : ସାର୍ ମୋର ପ୍ରାକ୍ଟିକାଲରେ ନୁହେଁ ଥିଓରୀରେ ଏଇ ସମସ୍ୟା ହେଉଛି ।

× × × × × ×

ରମେଶ ଗୋପାଳକୁ : ତତେ ଆସି ୫୦ ବର୍ଷ ହେଲାଣି ବାହା ହଉନୁ କାହିଁକି ?
ଗୋପାଳ : ମା' କହିଲା ମୋ ପୁଅକୁ ସେଇ ଝିଅ ସହିତ ବାହା କରେଇବି, ଯିଏ ଆଧାର କାର୍ଡରେ ବି ସୁନ୍ଦର ଦେଖାଯାଉଥିବ ।
ସେଇଥିପାଇଁ ଆଜି ପର୍ଯ୍ୟନ୍ତ ବାହା ହୋଇ ପାରିଲିନି ।

× × × × × ×

ବାପା ପୁଅକୁ : ଆଜି ଘରେ ଏତେ ଶାନ୍ତ ଜଣାପଡୁଛି । ତୋ ମା' କ'ଣ ପୁରା ପୁରି ଚୁପ୍ ରହିଛି ।
ପୁଅ : ସବୁ ମୋ ପାଇଁ ହେଇଛି ବାପା ।
ବାପା : କ'ଣ କରିଛୁ କିରେ ?
ପୁଅ : ମା' ମତେ ତାଙ୍କ ଲିପଷ୍ଟିକ୍ ମାଗିଲେ । ହେଲେ ମୁଁ ଭୁଲରେ ଫେଭିକୁଇକ୍ ଦେଇଦେଲି ।
ବାପା : ଯାହା ହଉ ଏତେଦିନ ପରେ ଗୋଟେ ଭଲ କାମ କରିଛୁ ।

ବର୍ଷ ୨୫, ସଂଖ୍ୟା-୪୭, ୨୭ ଡିସେମ୍ବର - ୦୧ ଜାନୁଆରୀ ୨୦୨୨

# ଝିଅଙ୍କ ବିବାହ ବୟସ ବୃଦ୍ଧି ପ୍ରସ୍ତାବ

ଝିଅମାନଙ୍କ ବିବାହ ବୟସ ୧୮ ରୁ ୨୧ କରିବା ପାଇଁ ଏକ ପ୍ରସ୍ତାବକୁ କେନ୍ଦ୍ରୀୟ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି । ସେଥିପାଇଁ ଏହା ଉପରେ ସମଗ୍ର ଦେଶରେ ବିତର୍କ ଆରମ୍ଭ ହୋଇଯାଇଛି । ଏହି ବିଧେୟକ ସପକ୍ଷ ଓ ବିପକ୍ଷରେ ଯୁକ୍ତି ଉପସ୍ଥାପନ କରାଯାଉଥିଲେ ମଧ ଦେଶରେ ଅଧିକାଂଶ ଲୋକ ସାମାଜିକ, ଗଣମାଧମ, ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧମରେ ବିଧେୟକ ସପକ୍ଷରେ ଯୁକ୍ତି ଉପସ୍ଥାପନ କରୁଥିବାର ଦେଖିବାକୁ ମିଳୁଛି । ବିଶେଷକରି କିଶୋର ଝିଅ/ ନାରୀମାନେ ବିବାହ ବୟସ ବୃଦ୍ଧି ନିଷ୍ପତ୍ତିକୁ ଅତ୍ୟନ୍ତ ଆନନ୍ଦର ସହ ଗ୍ରହଣ କରୁଛନ୍ତି ନିଜ ନିଜର ବଳିଷ୍ଠ ଯୁକ୍ତି ମାଧମରେ ।

ପାଠ ପଢୁଆ ଝିଅମାନଙ୍କ ଯୁକ୍ତି ହେଲା, କମ୍ ବୟସରେ ବିବାହ କରିଦେବା ଫଳରେ ତାଙ୍କ ଭଳି ଝିଅମାନେ କମ୍ ବୟସରୁ (୧୮) ବର୍ଷ ବିବାହ ଜାଲରେ ଛନ୍ଦି ହେଉଛନ୍ତି । ଅନେକ କ୍ଷେତ୍ରରେ ଝିଅମାନଙ୍କ ଇଚ୍ଛା ଓ ସ୍ୱପ୍ନକୁ ଅଣଦେଖା କରାଯାଇ ଯେକୌଣସି ପୁଅ ବା ପରିବାର ହାତରେ ସମର୍ପି ଦେଉଛନ୍ତି । ଅପରପକ୍ଷରେ ଝିଅମାନଙ୍କୁ ନିଜ ବିବାହ ସମ୍ବନ୍ଧରେ ମତାମତ ଦେବାକୁ କିଛି ପରିବାର ବା ପିତାମାତା ସୁଯୋଗ ଦେଉ ଥିଲେ ମଧ ଏତେ କମ୍ ବୟସରେ ନିଷ୍ପତ୍ତି ନେବାର ଦକ୍ଷତା ନ ଥିବାହେତୁ ଅନେକ ସମୟରେ ପରିବାରର ନିଷ୍ପତ୍ତିକୁ ମାନି ନିଅନ୍ତି । ଏପରିକି ପାରିବାରିକ ସ୍ଥିତିକୁ ସମ୍ମାନ ଜଣାଇ ନିଜ ଇଚ୍ଛା, ଅଭିଳାଷ ଓ ଭବିଷ୍ୟତ ସ୍ୱପ୍ନକୁ ଜଳାଞ୍ଜଳି ମଧ ଦେଇ ଥାଆନ୍ତି । ତେଣୁ ବିବାହ ବୟସ ଏକୋଇଶିକୁ ବୃଦ୍ଧି କରିବା ଦ୍ୱାରା ଅନ୍ତତଃ ଯୁବତୀମାନେ ସ୍ନାତକ ଡିଗ୍ରୀ ହାସଲ କରି ସାରିଥିବା ସହ ନିଜ ଜୀବନ, ଜୀବିକା ତଥା ଘର ସଂସାର ସମ୍ବନ୍ଧରେ ଅପେକ୍ଷାକୃତ ପରିପକ୍ୱ ନିଷ୍ପତ୍ତି ନେଇ ପାରିବେ । ସେମାନଙ୍କ ପୁନଃ ନିଯୁକ୍ତି ହେଉଛି କେବଳ ନିୟମକାନୁନ କରିଦେଲେ ହେବନାହିଁ । ତାହା ବାସ୍ତବରେ କାର୍ଯ୍ୟକାରୀ ହେବା ଉଚିତ, କାରଣ ବର୍ତ୍ତମାନ ବିବାହ ବୟସ ଅଠର ବର୍ଷ ସତ୍ତ୍ୱେ ଝିଅମାନଙ୍କୁ କମ୍ ବୟସରେ ବାହା କରି ଦେଉଛନ୍ତି । ଅର୍ଥାତ୍ ନିୟମ କଡ଼ାକଡି ଲାଗୁ ହେବା ସହ ବିବାହକୁ ସପ୍ରମାଣ ସଂଲଗ୍ନ ସହ ପଞ୍ଜୀକରଣ କରାଯିବା ଉଚିତ । ଅପରପକ୍ଷରେ ପିତାମାତାମାନଙ୍କ ଭିତରେ ଥିବା 'ଦେଲି ନାରୀ ହେଲି ପାରି' ବା 'ଝିଅ ଜନମ ପର ଘରକୁ/ ହାଣ୍ଡି ଶାଳକୁ' ବିଚାର ପରିବର୍ତ୍ତନ ହେବା ଉଚିତ । କାରଣ ପିତାମାତାମାନଙ୍କ ଭାବନା ହେଉଛି ଝିଅ ଜନ୍ମ ହୋଇଛି ମାନେ କେମିତି ହେଲେ ବିବାହ କରିଦେଲେ ସେମାନଙ୍କ କାମ ଶେଷ ହୋଇଗଲା । କିନ୍ତୁ ଆଜି ସମୟ ବଦଳିଛି । ଝିଅମାନେ ଆଜି କେବଳ ଘରକୋଣରେ ସୀମିତ ନୁହଁନ୍ତି । ସବୁ ବର୍ଗରେ ଝିଅମାନଙ୍କ ଭାଗିଦାରୀ ଦେଶକୁ ବିକାଶ ପଥରେ ନେବାକୁ ସଫଳ ହେଉଛି । ଝିଅମାନେ ଆଜି ବ୍ୟୋମଯାନର ପାଇଲଟ୍ ହୋଇ ନିଜର ପ୍ରତିଭା ପ୍ରଦର୍ଶନ କରୁଛନ୍ତି । ସେନାରେ ଯୋଗଦେଇ ସୀମା ସୁରକ୍ଷା କରିପାରୁଛନ୍ତି । ସର୍ବଭାରତୀୟ ସେବାରେ ସେମାନଙ୍କ ଅବଦାନ ଅତୁଳନୀୟ । ପରିବାରର ବିକାଶ ଠାରୁ ପର୍ଯ୍ୟାବରଣର ଉନ୍ନତି ଏବଂ ବ୍ୟକ୍ତି ନିର୍ମାଣଠାରୁ ରାଷ୍ଟ୍ର ଗଠନ ଯାଏଁ ନାରୀ ସମାଜର ଅବଦାନ ଅତୁଳନୀୟ ।

ସୁତରାଂ ସରକାରଙ୍କ ଦ୍ୱାରା ସଂଶୋଧନ ହେବାକୁ ଯାଉଥିବା ବିବାହ ବୟସ ଅଠରରୁ ଏକୋଇଶି ବର୍ଷକୁ ବୃଦ୍ଧି ଅନେକ ସୁଫଳ ମିଳିପାରେ ସୂଚନା ଦିଏ । ପ୍ରଥମରେ ଶାରୀରିକ ଦୃଷ୍ଟିରୁ ଝିଅଟି ସଂପୂର୍ଣ୍ଣ ପରିପକ୍ୱ ହୋଇ ସାରିଥିବ । ଫଳରେ ଏ ବୟସରେ ସନ୍ତାନ ପ୍ରସବ ଉଭୟ ମାଆ ଓ ଶିଶୁଙ୍କ ପାଇଁ ଶୁଭଙ୍କର ଓ ସ୍ୱାସ୍ଥ୍ୟକର ହୋଇଥାଏ । ଅପରପକ୍ଷରେ ମାଆ ମଧ ନିଜ ଶିଶୁର ଲାଳନ ପାଳନ ସଠିକ୍ ଭାବେ କରିପାରିବ । ବିଶେଷକରି ପ୍ରସବ ସମୟରେ ମାତୃ ମୃତ୍ୟୁ ହାର ହ୍ରାସ ପାଇବାର ସମ୍ଭାବନା ବେଶୀ । ଦ୍ୱିତୀୟରେ, ମନୋବିଜ୍ଞାନ ଦୃଷ୍ଟିରୁ ବାଲ୍ୟାବସ୍ଥା ପରେ ୧୩ରୁ ୧୯ ବର୍ଷ କୈଶୋରାବସ୍ଥା ବା ଯୌବନାବସ୍ଥାକୁ ବୁଝାଏ, ଯାହାକୁ ଟିନ୍ ଏଜ୍ ମଧ କୁହାଯାଏ । ଏ ସମୟ ଜୀବନର ପ୍ରକୃଷ୍ଟ ସମୟ ବୋଲି ମନୋବିଜ୍ଞାନୀମାନେ ମତବ୍ୟକ୍ତ କରନ୍ତି । କେହି କେହି ଏହି ଅବସ୍ଥାକୁ ଝଡ଼ଝଞ୍ଜାର ସମୟ ବୋଲି କହିଥାନ୍ତି । ସତ କହିବାକୁ ଗଲେ, ଏହା ବାଲ୍ୟାବସ୍ଥା (୩ ରୁ ୧୨) ବର୍ଷ ଓ ପ୍ରାପ୍ତ ବୟସ୍କ ବା ଏଡଲ୍ଟହୁଡ୍ (୨୦ ରୁ ଉର୍ଦ୍ଧ୍ୱ ବୟସ) ର ମଧବର୍ତ୍ତୀକାଳୀନ ସମୟ ବା ଟ୍ରାନଜିଟ୍ ପିରିୟଡ଼ । ଏ ସମୟରେ ଶାରୀରିକ, ମାନସିକ, ଆବେଗିକ, ନୈତିକ ଓ ସାମାଜିକ କ୍ଷେତ୍ରରେ ଅପାର ପରିବର୍ତ୍ତନ ଦେଖାଦିଏ । ବାଲ୍ୟାବସ୍ଥାର ଚପଳାମୀ ଯାଇ ନ ଥିବା ବେଳେ ଶାରୀରିକ ପରିବର୍ତ୍ତନ ଓ ପୌଗଣ୍ଡର ଛାପ ପିଲାମାନଙ୍କ ଖାପଖୁଆଇ ଚଳିବାରେ ଅସୁବିଧା ସୃଷ୍ଟି କରେ । ଅପରପକ୍ଷରେ ଏ ସମୟ ଝିଅମାନଙ୍କ ପୁଷ୍ପବତୀ ବା ଗୃହଯୋଗ୍ୟ ହେବାର ସମୟ ହୋଇଥିବାରୁ ସାମାଜିକ ପ୍ରଥା ପରମ୍ପରା ସହ ଚାଲିବା ପାଇଁ ସେମାନେ ମାନସିକ ପ୍ରସ୍ତୁତ ହୋଇପାରନ୍ତି ନାହିଁ । ଅପରପକ୍ଷରେ ଏହାପରେ ସେମାନଙ୍କଠାରୁ ପରିବାର ଅଧିକ ଆଶା କରେ ଏବଂ ସମାଜ ଝିଅମାନଙ୍କୁ ବିବାହ ଯୋଗ୍ୟା ମହିଳା ଆଖିରେ ଦେଖେ । ଏସବୁ ପରିବର୍ତ୍ତନ କିଶୋର କିଶୋରୀମାନଙ୍କୁ ଅନେକ ଘାତ ପ୍ରତିଘାତର ସମ୍ମୁଖୀନ ହେବାକୁ ପଡିଥାଏ । ନିଜ ପାଠପଢ଼ା ସହ ସାମାଜିକ ଚଳଣି, ପରିବାରର ନୀତିଶିକ୍ଷା, ବିବାହ ପରେ ପରିବାର ଚଳେଇବାର ପ୍ରଶିକ୍ଷଣ ଆଦି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଝିଅଟିକୁ କରିବାକୁ ପଡେ । ଏଭଳି ସମୟରେ ଯଦି ବିବାହ କରିଦିଆଯାଏ, ଝିଅଟି ସହଜରେ ଗ୍ରହଣ କରିପାରେ ନାହିଁ । କିନ୍ତୁ ସମସ୍ତଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ନିଜ ଭାଗ୍ୟ ଆଦିର ମନ ଓ ହୃଦୟର ସମସ୍ତ ଆଶା ଓ ଅଭିଳାଷକୁ ଛାତିରେ ଚାପିଧରି ବିବାହ ଭଳି ଏକ ପବିତ୍ର କର୍ମଯଜ୍ଞକୁ ଗ୍ରହଣ କରେ । ଅନେକ ସମୟରେ ଶାଶୁଘରର ସଦସ୍ୟ ସଦସ୍ୟାଙ୍କ ମନ ଜାଣି ସେବା କରୁ କରୁ ଛାତ୍ରୀଜୀବନର ସ୍ୱପ୍ନ ଭାଙ୍ଗିଯାଏ ବା ଭବିଷ୍ୟତ ନିର୍ମାଣ ଅଭିପ୍ରାୟ ଧୂଳିସାତ ହୋଇଯାଏ । ଯଦି ବିବାହର ବର୍ଷେ ଭିତରେ ସନ୍ତାନଟିଏ ଜନ୍ମ ହୁଏ, ନାରୀଟିଏ ସେ ଜଞ୍ଜାଳରୁ ଆଉ ବାହାରକୁ ଆସିପାରେ ନାହିଁ । ଏପରିକି ସବୁ କର୍ତ୍ତବ୍ୟ ସାରି ଉଚ୍ଚଶିକ୍ଷା ଲାଭ କରି କିଛି କରିବାର ଇଚ୍ଛାଶକ୍ତି ଥିଲେ ମଧ ସ୍ୱାମୀ ଓ ଶଶୁରଘରର ଦୟା ଓ ଅନୁମତି ମିଳିଲେ ହିଁ ନିଜ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିପାରେ । ନଚେତ୍ ପଞ୍ଜୁରୀ ମଧରେ ଶାରୀ ଭଳି ଚଳିବାକୁ ହୁଏ ।

ତୃତୀୟରେ, କର୍ମନିଯୁକ୍ତି ବିଶେଷକରି ସରକାରୀ ଚାକିରୀ କ୍ଷେତ୍ରରେ ଅଧିକାଂଶ ଚାକିରୀ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଓ ବୟସ ଅନ୍ୟୁନ ଏକୋଇଶି ବର୍ଷ ହୋଇଥାଏ । ଅଠର ବର୍ଷ ଭିତରେ ଝିଅଟି କେବଳ ଦ୍ୱାଦଶ ଶ୍ରେଣୀ ଶେଷ କରିପାରେ । କିନ୍ତୁ ଝିଅଙ୍କ ବିବାହ ବୟସ ଏକୋଇଶିକୁ ବୃଦ୍ଧିହେବା ଫଳରେ ଝିଅମାନେ ଅନ୍ତତଃ ସ୍ନାତକ ଡିଗ୍ରୀ ହାସଲ କରି ବିଭିନ୍ନ ଚାକିରୀ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ । ସେମାନେ ବିବାହ ପାଇଁ ଆଇନଗତ ଭାବେ ଆଉ ତିନି ବର୍ଷ ଅଧିକ ପାଉଥିବାରୁ ଶୀଘ୍ର ବିବାହର ଭୟ ବା ଆଶଙ୍କା ଏକୋଇଶି ବର୍ଷ ପାଇଁ ମାର୍ଗ ପ୍ରସ୍ତୁତ କରିପାରିବେ । ଫଳରେ ସେମାନେ ସ୍ୱାବଲମ୍ବୀ ହୋଇ ପାରିବେ ଏବଂ ଦେଶରେ କର୍ମନିଯୁକ୍ତି କ୍ଷେତ୍ରରେ ଝିଅମାନଙ୍କ ଭାଗିଦାରୀ ବୃଦ୍ଧି ପାଇବ । ମୁଖ୍ୟତଃ ଉଚ୍ଚଶିକ୍ଷାରେ ଝିଅମାନଙ୍କ ନାମଲେଖା ହାର ବଢ଼ିବ ।

ଚତୁର୍ଥରେ, ସାମାଜିକ ଦୃଷ୍ଟିରୁ ଦେଖିଲେ ବିବାହ ଏକ ସଂସ୍କାର ଏବଂ ବିବାହ କାମୋଦ୍ଦୀପନାକୁ ଚରିତାର୍ଥ କରିବାର ଏକ ଆମୋଦଦାୟକ ପର୍ବ ନୁହେଁ ବରଂ ଏକ ସୁନ୍ଦର ପରିବାର ଗଠନର ମହାପର୍ବ । ଭବିଷ୍ୟତ ପିଢ଼ି ସୃଷ୍ଟି କରି ସମାଜକୁ ଭଲ ମଣିଷ ସମର୍ପି ଦେବାର ଏକ ମାଙ୍ଗଳିକ ଓ ସାଂସ୍କୃତିକ ସଂସ୍କାର । ତେଣୁ ଛୋଟ ବୟସରୁ ବିବାହ ବନ୍ଧନରେ ବାନ୍ଧି ଦେଉଥିବା ଝିଅମାନେ ପରିବାର ପରିଚାଳନାର ସମସ୍ତ ଦକ୍ଷତା ହାସଲ କରିପାରି ନ ଥାନ୍ତି । ପ୍ରାପ୍ତ ବୟସରେ ବିବାହ ହେଲେ ଝିଅଟି ଶାରୀରିକ, ମାନସିକ ଓ ଆବେଗିକ ସ୍ତରରେ ପରିପକ୍ୱ ହେବା ସହ ନିଜର ଉତ୍ତରଦାୟିତ୍ୱ ବୁଝିପାରିବ ବୋଲି ଆଶା କରାଯାଏ ।

ପଞ୍ଚମରେ, ବିବାହ ବୟସ ବୃଦ୍ଧି ଫଳରେ ପିତାମାତାମାନଙ୍କୁ ଝିଅମାନଙ୍କ ବିବାହ ସମ୍ବନ୍ଧୀୟ ଯୋଜନା କରିବାକୁ ଅଧିକ ସମୟ ମିଳିବ । ଷୋହଳ ବର୍ଷରୁ ଝିଅର ବାହାଘର ପାଇଁ ପ୍ରସ୍ତୁତ ହେବା ପାଇଁ ବ୍ୟସ୍ତ ହେବାକୁ ପଡିବ ନାହିଁ । ଅପରପକ୍ଷରେ ଝିଅମାନେ ନିଜ ଜୀବନସାଥୀ ବାଛିବା ପାଇଁ ନିଜେ ସଠିକ୍ ନିଷ୍ପତ୍ତି ନେବା ସହ ପିତାମାତାଙ୍କୁ ସୁପରାମର୍ଶ ଦେଇ ପାରିବେ । ଝିଅଙ୍କ ବିବାହ ବୟସ ବୃଦ୍ଧି ସେମାନଙ୍କୁ ସମ୍ପନ୍ନା ଓ ସମ୍ପୂର୍ଣ୍ଣା କରିବାରେ ବିଶେଷ ସହାୟତା ପ୍ରଦାନ କରିବ । ସେମାନେ ସ୍ୱାବଲମ୍ବୀ ହେବେ । ପରିପକ୍ୱ ମହିଳା ଭାବରେ ସୁନାର ସଂସାର ଗଢ଼ିବାରେ ସକ୍ଷମ ଓ ସଫଳ ହେବେ । ଉଚ୍ଚ ଶିକ୍ଷାରେ ନାରୀମାନଙ୍କର ପଞ୍ଜୀକରଣ ଓ ସଫଳତା ହାର ବୃଦ୍ଧି ଘଟିବ । ସର୍ବୋପରି ଏକ ବିକଶିତ ଭାରତ ଗଠନ ଦିଗରେ ମାତୃ ସମାଜର ଭାଗୀଦାରି ବୃଦ୍ଧି ଘଟିବ । ଆଶା, ଦେଶର ସଂସଦରେ ମାନ୍ୟବର ସାଂସଦମାନଙ୍କ ବିଶେଷ ଆଲୋଚନା ଓ ବିତର୍କ ପରେ ସର୍ବସମ୍ମତି କ୍ରମେ ଆଇନରେ ପରିଣତ ହେବ ।



# ଆର୍ଥିକ ପୁନରୁଜ୍ଜୀବନ

## ମହାତ୍ମା ଗାନ୍ଧୀ

ମୋ'ର ଦୃଢ଼ ବିଶ୍ୱାସ ହେଉଛି ଯେ ହାତରେ ସୂତା କାଟିବାର ଓ ଲୁଗା ବୁଣିବାର ପୁନରୁଦ୍ଧାର କରାଗଲେ ତାହା ଭାରତବର୍ଷର ଆର୍ଥିକ ଏବଂ ନୈତିକ ପୁନର୍ଜାଗରଣ ନିମନ୍ତେ ସବୁଠାରୁ ଅଧିକ ଅବଦାନ ଯୋଗାଇ ଦେଇ ପାରିବ । କୃଷିର ପରିପୂରକ ରୂପେ କୋଟି କୋଟି ଲୋକଙ୍କ ହାତରେ ଆଦୌ ଜଟିଳ ହୋଇ ନ ଥିବା ଏକ ଉଦ୍ୟୋଗ ରହିବ । ବହୁବର୍ଷ ପୂର୍ବେ ସୂତା କାଟିବା ହିଁ କୁଟୀରଉଦ୍ୟୋଗ ହୋଇ ରହିଥିଲା ଏବଂ କୋଟି କୋଟି ମନୁଷ୍ୟଙ୍କୁ ଉପବାସୀ ହୋଇ ରହିବାରୁ ବଞ୍ଚାଇବାକୁ ହେଲେ ସେମାନଙ୍କ ଘରେ ସୂତାକଟାର ପ୍ରବେଶ ଘଟାଇବାକୁ ସେମାନଙ୍କୁ ଅବଶ୍ୟ ସମର୍ଥ ହେବାକୁ ପଡ଼ିବ ଏବଂ ପ୍ରତ୍ୟେକ ଗାଆଁ ପାଖକୁ ତା'ର ନିଜର ଲୁଗାବୁଣାଳି ଫେରି ଆସିବ । ଚରଖା ପଛରେ ପୃଥିବୀର ଅନ୍ୟାନ୍ୟ ଜାତିମାନଙ୍କ ପ୍ରତି ଅସଦିଚ୍ଛାର କୌଣସି ସନ୍ଦେହ ନାହିଁ, ସଦିଚ୍ଛା ଓ ଆତ୍ମସହାୟତାର ଏକ ବାର୍ତ୍ତା ହିଁ ରହିଛି । ଚରଖା ପାଇଁ ପୃଥିବୀର ଶାନ୍ତିକୁ ବିପନ୍ନ କରୁଥିବା ଓ ତାହାର ସମ୍ପଦଗୁଡିକୁ ଶୋଷଣ କରୁଥିବା କୌଣସି ନୌବାହିନୀର ସୁରକ୍ଷା ଆଦୌ ଦରକାର ନାହିଁ । କୋଟି କୋଟି ମନୁଷ୍ୟ ବର୍ତ୍ତମାନ ଯେପରି ନିଜ ଘରେ ନିଜ ଖାଦ୍ୟ ରାନ୍ଧୁଛନ୍ତି ଠିକ୍ ସେହିପରି ନିଜ ଘରେ ବସି ହିଁ ସେମାନେ ଆପଣାର ସୂତା କାଟିବେ, ସେଥିଲାଗି ଏକ ଅନୁରୂପ ଧର୍ମସଂକଳ୍ପ ହିଁ ଆବଶ୍ୟକ ହେଉଛି । ମୁଁ କେତେ କ'ଣ ଭୁଲିଯାଇଛି ଓ କେତେ ଭୁଲ କରି ପକାଇଛି ବୋଲି ଭବିଷ୍ୟତର ବଂଶଧରମାନେ ମୋତେ ହୁଏତ ଯଥାର୍ଥ ଭାବରେ ଅଭିଶାପ ଦେବେ, ମାତ୍ର, ଚରଖାର ପୁନରୁଦ୍ଧାର କରାଯାଉ ବୋଲି ପ୍ରସ୍ତାବ ଦେଇ ମୁଁ ସେମାନଙ୍କ ଠାରୁ ଅବଶ୍ୟ ଆଶୀର୍ବାଦ ଲାଭ କରିବି । ଏହି ପ୍ରଶ୍ନଟି ଉପରେ ମୁଁ ମୋ'ର ସବୁକିଛିକୁ ପଣ ରଖି ବାହାରିଛି । କାରଣ ଚରଖାର ପ୍ରତ୍ୟେକ ଘୂର୍ଣ୍ଣନ ଶାନ୍ତି, ସଦିଚ୍ଛା ଏବଂ ପ୍ରେମକୁ ହିଁ ସୂଚୀ ଆକାରରେ ଉତ୍ପନ୍ନ କରିଆଣେ । ଏହି ସବୁକିଛି କୁହାହେବା ପରେ ଚରଖାକୁ ହରାଇ ଭାରତବର୍ଷ ଦାସତ୍ୱକୁ ଡାକି ଆଣିଥିବାରୁ ସ୍ୱତଃପ୍ରବୃତ୍ତଭାବରେ ଓ ତାହାର ଆନୁଷ୍ଠାନିକ ଆଉ ସବୁକିଛିର ପୁନଃପ୍ରବେଶ ଦ୍ୱାରା ହିଁ ଭାରତବର୍ଷର ସ୍ୱାଧୀନତା ସମ୍ଭବ ହେବ ।

# ସ୍ମରଣଶକ୍ତି ହ୍ରାସ କରେ ଅତ୍ୟଧିକ ମିଠା

ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି ବିଷୟକୁ ନେଇ ହୋଇଥିବା ଗବେଷଣାରୁ ଟୋକିଓ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏ ବିଷୟରେ ଜାଣିପାରିଛନ୍ତି । ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ । ସେମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ଗୋଟିଏ ଗ୍ରୁପରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ । ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧାନ ମଧ କରିଥିଲେ । ଯେଉଁମାନେ ଆବଶ୍ୟକତା ଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ସ୍ମରଣଶକ୍ତିରେ ତାରତମ୍ୟତା ଦେଖିବାକୁ ମିଳିଥିଲା ।

## ଭଲ ବ୍ୟାୟାମ: ସାଇକେଲ ଚାଳନା

ବର୍ତ୍ତମାନର ବ୍ୟସ୍ତ ଜୀବନଶୈଳୀ, କାମର ଚାପ, ଅନିୟମିତ ଖାଦ୍ୟ ଗ୍ରହଣ, ଡେରିରେ ଶୋଇବା ଆଦି କାରଣରୁ ଅଳ୍ପ ବୟସରେ ବି ଅଧିକାଂଶ ଲୋକ ରୋଗଗ୍ରସ୍ତ ହୋଇପଡ଼ନ୍ତି । ଏଥିପାଇଁ ଅନେକ ସମୟରେ ଖର୍ଚ୍ଚାନ୍ତ ହେବା ସହିତ ଦୁର୍ବଳ ସ୍ୱାସ୍ଥ୍ୟ ନେଇ ଜୀବନ କାଟିବାକୁ ବାଧ ହୁଅନ୍ତି । ଦୈନିକ ୩୦ ମିନିଟ୍‌ରୁ ଏକ ଘଣ୍ଟା କିଛି ଛୋଟ ଛୋଟ ବ୍ୟାୟାମ କରିବା ଦ୍ୱାରା ଏଭଳି ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହିତ ଆମେ ଏକ ଉତ୍ତମ ଜୀବନଯାପନ କରିପାରିବା । ଏହି ବ୍ୟାୟାମ ଗୁଡିକ ମଧ୍ୟରେ ସାଇକେଲ ଚାଳନା ଅନ୍ୟତମ ।

ସାଇକେଲ ଚାଳନା: ଆଜିକାଲି ଯେକୌଣସି ବ୍ୟକ୍ତି ଛୋଟ ଛୋଟ କାମ ପାଇଁ ଅଳ୍ପ ବାଟ ଯିବାକୁ ପଡିଲେ ବି ବାଇକରେ ଯାଉଛନ୍ତି । ଏମିତିକି ଡାକବାଲା, ଖବରକାଗଜ ବାଣ୍ଟୁଥିବା ଲୋକମାନେ ବି ଏବେ ବାଇକ୍ ଚଢୁଛନ୍ତି । ଚାହିଁଲେ ସେମାନେ ଏଭଳି କାମଗୁଡିକ ସାଇକେଲରେ ଯିବା ଆସିବା କରି ସମ୍ପନ୍ନ କରିପାରନ୍ତେ । ମାତ୍ର ସାଇକେଲ ଚଳାଇବାକୁ କେହି ଚାହୁଁ ନାହାନ୍ତି ଆଜିକାଲି । ସାଇକେଲିଂ କରିବାକୁ ଅନେକ ପ୍ରେଷ୍ଟିଜ୍ ଲସ୍ ବା ମର୍ଯ୍ୟାଦା ହାନି, ଲୋ ପ୍ରୋଫାଇଲ ମେଣ୍ଟେନ ବା ତଳ ସ୍ତରର ଜୀବନଶୈଳୀ ବୋଲି ବିବେଚନା କରନ୍ତି । ସାଇକେଲ ଚଳାଇବାକୁ ସଂକୋଚ କରନ୍ତି । ଯଦି ବି କେହି ସାଇକେଲ ଚଳାଇ କୁଆଡେ ଯାଉଥାଏ, ବାଟରେ ଭେଟୁଥିବା ପରିଚିତ ବ୍ୟକ୍ତି ତାଙ୍କୁ 'ସାଇକେଲରେ କୁଆଡେ' ବା ଆଜି କ'ଣ ସାଇକେଲ ? ଭଳି ପ୍ରଶ୍ନ ପଚାରନ୍ତି । ବାଇକ୍ ବା କାର୍ ଥିବା ସତ୍ତ୍ୱେ କେହି ଯଦି ସାଇକେଲ୍ ଚଢ଼ି କୁଆଡେ ବାହାରେ, ପଡୋଶୀ ଘର ପରିଚିତ ବନ୍ଧୁମାନେ ତାଙ୍କୁ 'ତେଲ ଖର୍ଚ୍ଚକୁ ଡରୁଥିବା କଞ୍ଜୁସ୍ ଭାବେ ଚିତ୍ରଣ କରିଥାନ୍ତି । ମୋଟାମୋଟି ଭାବରେ ଆମ ଦେଶରେ ସାଇକେଲ ଚଳାଉଥିବା ବ୍ୟକ୍ତିଙ୍କୁ ପରେ ଅନ୍ୟମାନଙ୍କର ଧାରଣା ଆଦୌ ଭଲ ବା ସକାରାତ୍ମକ ନୁହେଁ । ମାତ୍ର ଆମଠାରୁ ଅଧିକ ଆର୍ଥିକ ସ୍ୱଚ୍ଛଳ ଓ ବିକାଶରେ ଆଗୁଆ ଥିବା ସତ୍ତ୍ୱେ ବିଦେଶରେ ଲୋକମାନେ ଆଜି ବି ସାଇକେଲ ଚଳାଇବାକୁ ପସନ୍ଦ କରନ୍ତି ।

ଯଦି ଆପଣ ୫୦ ବର୍ଷ ପରେ ବି ନିଜକୁ ଯୁବକ ଭାବେ ଦେଖିବାକୁ ଚାହାଁନ୍ତି ରୋଗମୁକ୍ତ ସୁସ୍ଥ ସବଳ, ବଳିଷ୍ଠ ଶରୀର ସହ ନିଜକୁ ଫିଟ୍ ରଖିବାକୁ, ଫୁର୍ତ୍ତିରେ ରହିବାକୁ ଚାହାଁନ୍ତି, ତା'ହେଲେ ନିଃସଙ୍କୋଚରେ ସାଇକେଲ୍ ଚଳାନ୍ତୁ । ସାଇକେଲ ଚଳାଇବା ପାଇଁ ଆପଣ ଅଲଗା ସମୟ ବାହାର କରିବା ଜରୁରୀ ନୁହେଁ । କ୍ଷୀର ଆଣିବା, ରୁଟି କାଟିବା, ଛକକୁ ଚା' ଜଳଖିଆ ପାଇଁ କିମ୍ବା ପରିବା ଆଣିବାକୁ ଯିବା ଭଳି ଛୋଟଛୋଟ କାମ ପାଇଁ ଆପଣ ସାଇକେଲ୍ ବ୍ୟବହାର କରିପାରନ୍ତି । ଏହା ଦ୍ୱାରା ଆପଣଙ୍କର ଏକ୍ସରସାଇଜ୍ ହେବା ସହିତ ପରିବେଶ ପ୍ରଦୂଷଣ ହେବ ନାହିଁ । ଏହା ବ୍ୟତୀତ ସାଇକେଲିଂ କରିବାରେ ଆହୁରି ଅନେକ ଉପକାର ମିଳିଥାଏ ।



ହୃଦୟ ପାଇଁ ହିତକର: ଯଦି ଆପଣ ପ୍ରତ୍ୟେକ ଦିନ କିଛି ସମୟ ସାଇକେଲ ଚଳାଇବେ ତାହା ହେଲେ ଆପଣଙ୍କର ହୃଦୟ ସୁସ୍ଥ ରହିବ । ହୃଦୟ ସମ୍ବନ୍ଧିତ ରୋଗ ହେବାର ଆଶଙ୍କା ବି ଯଥେଷ୍ଟ କମିଯିବ । ସାଇକେଲ୍ ଚଳାଇବା ଦ୍ୱାରା ହୃଦୟର କମ୍ପନ ବଢ଼ିଯାଏ ଓ ସଠିକ୍ ଭାବେ ସଞ୍ଚାଳନ ହୋଇଥାଏ । କେବଳ ହୃଦୟ କାହିଁକି ସାଇକେଲିଂ କରିବା ଦ୍ୱାରା ପୁରା ଶରୀର ଫିଟ୍ ରହେ । ପ୍ରଚୁର ଝାଳ ବହେ ଓ ମନ ପ୍ରଫୁଲ୍ଲ ରହେ । ସାଇକେଲିଂ ଠାରୁ ଭଲ ବ୍ୟାୟାମ ବୋଧେ ଆଉ କିଛି ନାହିଁ ।

ଓଜନ କମେ, ମାଂସପେଶୀ ଶକ୍ତ ହୁଏ: ଯଦି ଆପଣ ଓଜନ କମ୍ କରିବାକୁ ସମସ୍ତ ପ୍ରକାର ଚେଷ୍ଟା କରି ଥକିଲେଣି, ତା'ହେଲେ କିଛି ଦିନ ନିୟମିତ ଭାବରେ ସାଇକେଲ ଚଲେଇ ଦେଖନ୍ତୁ । ନିଶ୍ଚିତ ଭାବରେ ସୁଫଳ ପାଇବେ । ସାଇକେଲିଂ କରିବା ଦ୍ୱାରା ଶରୀରରେ ଜମିଥିବା ଅତିରିକ୍ତ ଚର୍ବି ହ୍ରାସ ହୋଇଥାଏ । ଏହା ବ୍ୟତୀତ ସାଇକେଲ୍ ଚଢ଼ି ଯିବା ଆସିବା ଦ୍ୱାରା ମାଂସପେଶୀର ବ୍ୟାୟାମ ହୁଏ । ଫଳରେ ମାଂସପେଶୀ ଶକ୍ତ ହେବାରେ ଲାଗେ ।

ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ: ପ୍ରତ୍ୟହ ସାଇକେଲ ଚଳାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ । ଅବସାଦ ଦୂର ହୁଏ । ଶରୀରରେ ବୟସ ବୃଦ୍ଧି ଜନିତ ଲକ୍ଷଣମାନ ଶୀଘ୍ର ପ୍ରକାଶ ପାଏ ନାହିଁ । ଷ୍ଟେନଫୋର୍ଡ ୟୁନିଭରସିଟିର ବୈଜ୍ଞାନିକମାନଙ୍କ କହିବାନୁସାରେ, ପ୍ରତ୍ୟେକ ଦିନ ସାଇକେଲିଂ କରିବା ଦ୍ୱାରା ତ୍ୱଚାକୁ ରେଡିଏସନର ଖରାପ ପ୍ରଭାବରୁ ମୁକ୍ତ ରଖାଯାଇପାରେ । ଏହି କାରଣରୁ ବୟସ ବଢ଼ିବାର ଲକ୍ଷଣ ଦେଖାଯାଏ ନାହିଁ ।

ହାର୍ଲେଷ୍ଟିର୍‌ର ହେମୋଲୋଜିଷ୍ଟ ଡା.କ୍ରିଷ୍ଟୋଫର ରୋଲେଣ୍ଡ କହନ୍ତି, ସାଇକେଲ ଚଲେଇଲେ ଦ୍ରୁତ ଭାବେ ରକ୍ତ ସଞ୍ଚାଳନ ହୁଏ ଓ ଏହି କାରଣରୁ ତ୍ୱଚାର କୋଷିକାଗୁଡ଼ିକୁ ଅଧିକ ମାତ୍ରାରେ ପୋଷକ ତତ୍ତ୍ୱ ଏବଂ ଅମ୍ଳଜାନ ମିଳିଥାଏ ।

ପାଚନ ଶକ୍ତି ବଢ଼ାଏ, ଅନିଦ୍ରାରୁ ମୁକ୍ତିଦିଏ: ପ୍ରତ୍ୟେକ ଦିନ ସାଇକେଲ ଚଳାଇବା ଦ୍ୱାରା ପାଚନ ଶକ୍ତି ବଢ଼ିଥାଏ, ସଂକ୍ରମଣ ଆଶଙ୍କା କମିଯାଏ । ଲଣ୍ଡନସ୍ଥିତ ସେଣ୍ଟ ଜର୍ଜ ହସ୍ପିଟାଲର ଚିଫ୍ ଡାଏଟିସିଆନ କେଥି କ୍ୱୋଲିନ୍ସ କହନ୍ତି, ସପ୍ତାହରେ ଅନ୍ୟୁନ ପାଞ୍ଚ ଦିନ ଦୈନିକ ୨୦ ମିନିଟ୍ ଲେଖାଏଁ, ସାଇକେଲ ଚଳାଉଥିବା ବ୍ୟକ୍ତି ରୋଗମୁକ୍ତ ରହନ୍ତି । ନିଦ୍ରାହୀନତା ଭୋଗୁଥିବା ବ୍ୟକ୍ତି ପ୍ରତିଦିନ ମାତ୍ର ୨୦ ମିନିଟ୍ ପର୍ଯ୍ୟନ୍ତ ସାଇକେଲିଂ କଲେ ଏହି ସମସ୍ୟାରୁ ମୁକ୍ତି ପାଇବେ ବୋଲି ମତ ଦିଅନ୍ତି ଷ୍ଟେନଫୋର୍ଡ ୟୁନିଭରସିଟି ସ୍କୁଲ ଅଫ୍ ମେଡିସିନର ବିଶେଷଜ୍ଞମାନେ ।

ହୃଦରୋଗ, କ୍ୟାନସର ଆଶଙ୍କା କମ୍ କରେ: ସାଇକେଲ୍ ଚଳାଇବା ଦ୍ୱାରା କ୍ୟାନସର ଏବଂ ହୃଦରୋଗ ଭଳି ଘାତକ ରୋଗର ଆଶଙ୍କା କମିଯାଏ । ବିଶେଷକରି ମହିଳାମାନେ ପ୍ରତ୍ୟେକ ଦିନ ସାଇକେଲିଂ କଲେ ସ୍ତନ କ୍ୟାନସର ଆଶଙ୍କା ରହେ ନାହିଁ । ଗର୍ଭାବସ୍ଥାର ପ୍ରଥମ କିଛି ମାସ ସାଇକେଲ ଚଳାଇବା ଗର୍ଭସ୍ଥ ଶିଶୁ ପାଇଁ ଉପକାରୀ ଏବଂ ପ୍ରସବ ସମୟରେ ମହିଳାଙ୍କର ବିଶେଷ ଯନ୍ତ୍ରଣା ହୁଏ ନାହିଁ ବୋଲି ମତ ଦିଅନ୍ତି ମିଚିଗାନ୍ ୟୁନିଭରସିଟିର ପ୍ରଫେସରମାନେ ।

## ବେଡ୍ ଲାଇଟ୍ ବି ବଢ଼ାଏ ମେଦବହୁଳତା

କେତେକ ଶୋଇବାବେଳେ ବେଡ୍ ଲାଇଟ୍ ଲଗାଇଥାନ୍ତି । ଅଧିକ ଆଲୋକରେ ଶୋଇବାକୁ ଭଲ ପାଉଥିବା ଲୋକେ ଏପରି କରନ୍ତି । ତେବେ ବେଡଲାଇଟ୍ ଜଳାଇ ଶୋଇବା ଦ୍ୱାରା ମେଦବହୁଳତା ବଢ଼ିଥାଏ ବୋଲି ଲଣ୍ଡନର ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୟାନସର ରିସର୍ଚ୍ଚରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ବଡି ମାସ୍ ଇଣ୍ଡେକ୍ସ, ଅଣ୍ଟା ଓ ନିତମ୍ବର ଅନୁପାତ, ଅଣ୍ଟା ଉଚ୍ଚତାର ଅନୁପାତ ଏବଂ ଅଣ୍ଟାର ପରିଧି ଏସବୁ ବେଡ୍ ଲାଇଟ୍ ପ୍ରଭାବରେ ବୃଦ୍ଧି ପାଇଥାଏ । ଗବେଷଣାରେ ୫ଟି ରାଷ୍ଟ୍ରର ଲୋକଙ୍କ ଉପରେ ପରୀକ୍ଷା କରାଯାଇଥିଲା । ଏଥିରୁ ଜଣାପଡିଥିଲା ଯେ, ବେଡ୍ ଲାଇଟ୍ ଜଳାଇ ଶୋଉଥିବା ଅନେକ ମହିଳା ସ୍ତନ କର୍କଟରେ ପୀଡିତ ହୋଇଥାନ୍ତି । ଶୋଇବା ସମୟରେ ଆଲୋକ ଶରୀରର ମେଟାବୋଲିଜମ୍ ପ୍ରକ୍ରିୟା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଫଳରେ ଖାଦ୍ୟ ଠିକ୍‌ଭାବେ ହଜମ ନ ହୋଇ ମେଦବହୁଳତା ଦେଖାଯାଏ । ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଇଥାଏ ବୋଲି ରିପୋର୍ଟରେ ପ୍ରକାଶ ପାଇଛି ।

## ଲବଙ୍ଗର ଔଷଧୀୟ ଗୁଣ

ଲବଙ୍ଗରେ ଆଣ୍ଟିଇନ୍ଫ୍ଲେମେଟ୍ରି ଓ ମଧୁମେହ ବିରୋଧୀ ଗୁଣ ରହିଥାଏ । ଏହି ଔଷଧୀୟ ଗୁଣ ଯୋଗୁଁ ଲବଙ୍ଗ ଶରୀର ପାଇଁ ଲାଭକାରୀ । ଏଥିରେ ମାଙ୍ଗାନିଜ୍, ଫାଇବର ଓ ଭିଟାମିନ୍ ସି ରହିଛି । ତେଣୁ ମସଲାରେ ଲବଙ୍ଗ ସାମିଲ କରିବା ଉଚିତ । ଲବଙ୍ଗରେ ଥିବା ୟୁଜେନଲ ଦାନ୍ତ ଦରଜ ଦୂର କରିଥାଏ । ଦାନ୍ତ ଦରଜରୁ ମୁକ୍ତି ପାଇବା ପାଇଁ ପାଟିରେ ଅଳ୍ପ କିଛି ଲବଙ୍ଗ ରଖନ୍ତୁ । ଲବଙ୍ଗ ଡାଇବିଟିସ୍ ସହ ଲଢ଼ିବାରେ ସହାୟକ ହୋଇଥାଏ । ଏଥିରେ ଥିବା ନାଇଜେରିସିନ୍ ନାମକ ଯୌଗିକ ଇନସୁଲିନ୍ ଉତ୍ପାଦନ ବୃଦ୍ଧି କରିଥାଏ ।



ଏହା ରକ୍ତରେ ସୁଗର୍ ସ୍ତର ନିୟନ୍ତ୍ରଣ ରଖିଥାଏ । ଲବଙ୍ଗ ତେଲ ତ୍ୱଚା ଓ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ । ଏଥିରେ ଆଣ୍ଟିବ୍ୟାକ୍ଟେରିଆ ଓ ଆଣ୍ଟିଫଙ୍ଗାଲ୍ ଗୁଣ ରହିଛି ଯାହା ସଂକ୍ରମଣ ହେବାରୁ ବଞ୍ଚାଇଥାଏ । ଲବଙ୍ଗରେ ଥିବା ଫାଇବର୍ ପାଚନରେ ସହାୟତା କରିଥାଏ । ଲବଙ୍ଗ ତେଲ ବି ଆଣ୍ଟିଅକ୍ସିଡାଣ୍ଟ ଗୁଣରେ ଭରପୂର ।

## ମାତ୍ରାଧିକ ପ୍ରୋଟିନରୁ କର୍କଟ ଆଶଙ୍କା

ପ୍ରୋଟିନ୍ ସୁସ୍ଥ ଖାଦ୍ୟପେୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ମାଂସପେଶୀ ଗଠନ ଓ ମରାମତିରେ ଏହା ସହାୟକ ହୋଇଥାଏ । ଓଜନ ହ୍ରାସକୁ ପ୍ରୋତ୍ସାହିତ କରେ । ଚର୍ବି କମାଇଥାଏ । କିନ୍ତୁ ଦୈନିକ ଉଚ୍ଚ ମାତ୍ରାର ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବା ଫଳରେ ବ୍ୟକ୍ତି କର୍କଟ ସମେତ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ବୋଲି ସଦ୍ୟ ଅଧ୍ୟୟନ ଦର୍ଶାଇଛି । ଉଚ୍ଚ ପ୍ରୋଟିନଯୁକ୍ତ ଖାଦ୍ୟ ଯଥା ଲାଲ ମାଂସଯୁକ୍ତ ପ୍ରୋଟିନରୁ କର୍କଟ ଆଶଙ୍କା ବଢ଼ିଥିଲା । କିନ୍ତୁ ଅନ୍ୟ ଉତ୍ସରୁ ପ୍ରୋଟିନ୍ ଗ୍ରହଣ କରିବା ଦ୍ୱାରା କର୍କଟ ଆଶଙ୍କା କମ୍ ଜଣାପଡିଲା । ଏହାର କାରଣ ମାଂସରେ ଥିବା କାରସିନୋଜେନିକ୍ ଯୌଗିକ ଓ ଚର୍ବି ବୋଲି ଗବେଷକମାନେ ଅନୁମାନ କରୁଛନ୍ତି । ଅଧ୍ୟୟନ ଅନୁସାରେ, ଖାଦ୍ୟରେ ଅତିରିକ୍ତ ପ୍ରୋଟିନ୍ ଗ୍ରହଣ କରିବା ଦ୍ୱାରା କର୍କଟ ଜନିତ ମୃତ୍ୟୁ ଆଶଙ୍କା ୪ ପ୍ରତିଶତ ବଢ଼ିପାରେ । ସେତିକି ନୁହେଁ, ମାଂସପ୍ରେମୀ ଅଧିକାଂଶ ସମୟ ମଧୁମେହରେ ପ୍ରାଣ ହରାଇଥାନ୍ତି । ମଧ୍ୟମ ମାତ୍ରାରେ ପ୍ରୋଟିନ୍ ଖାଉଥିବା ବ୍ୟକ୍ତିଙ୍କ ଠାରେ ମଧ୍ୟ କର୍କଟଜନିତ ମୃତ୍ୟୁ ଆଶଙ୍କା ୩ ଗୁଣ ଅଧିକ । ସେଲ ମେଟାବଲିଜମ୍ ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନରେ ୫୦ ରୁ ଉର୍ଦ୍ଧ୍ୱ ବୟସ୍କ ୬,୧୩୮ ପ୍ରତିଯୋଗୀଙ୍କୁ ସାମିଲ କରାଯାଇଥିଲା । ଜଣେ ବ୍ୟକ୍ତି ନିଜ ଶରୀର ଓଜନର କିଲୋଗ୍ରାମ ପିଛା ହାରାହାରି ୦.୮ ଗ୍ରାମ୍ ପ୍ରୋଟିନ୍ ଖାଇବା ଉଚିତ ବୋଲି ଅନେକ ଅଧ୍ୟୟନ ଓ ସ୍ୱାସ୍ଥ୍ୟ ଏଜେନ୍ସି ସୂଚନା ଦେଇଛନ୍ତି । ଉଦାହରଣ ସ୍ୱରୂପ ଯଦି ଆପଣଙ୍କ ଓଜନ ୫୦ କିଲୋ, ତେବେ ଦିନକୁ ୪୦ ଗ୍ରାମରୁ ଅଧିକ ପ୍ରୋଟିନ୍ ଖାଇବା ଉଚିତ ନୁହେଁ । କମ୍ ମାତ୍ରାର ପ୍ରୋଟିନ୍ ଖାଇବା ଦ୍ୱାରା ଅକାଳ ମୃତ୍ୟୁ ଆଶଙ୍କା ୨୧ ପ୍ରତିଶତ କମିଥାଏ । ମାଂସ, ଦୁଗ୍ଧଜାତୀୟ ଖାଦ୍ୟ ଆବଶ୍ୟକଠୁ ଅଧିକ ଖାଇବା ଉଚିତ ନୁହେଁ । ବୟସ ୬୫ ବର୍ଷ ଅତିକ୍ରମ କରିବା ପରେ ପ୍ରୋଟିନ୍ ମାତ୍ରାକୁ ମଧ୍ୟମ କରିପାରିବେ । କାରଣ ଏହା ମାଂସପେଶୀ ହାନି ଓ ଦୁର୍ବଳତା ଆଦିରୁ ରକ୍ଷା କରେ, ଯାହା ସାଧାରଣତଃ ବୟସ୍କଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ ।

## ବ୍ଲଡ ସୁଗର ନିୟନ୍ତ୍ରଣ କରେ ଡାଲଚିନି

ଯଦି ଆପଣ ଡାଇବିଟିସ୍ ରୋଗୀ, କ୍ଳାନ୍ତି ଅନୁଭବ, ମୁଣ୍ଡ ବୁଲାଇବା ଓ ବେହୋସ ହେବା । ଏସବୁ ବ୍ଲଡ ସୁଗରର ଲକ୍ଷଣ ବୋଲି ବୁଝିବେ । ମସଲାରେ ଡାଲଚିନି ମିଶାଇ ଖାଆନ୍ତୁ, ବ୍ଲଡ ସୁଗର ନିୟନ୍ତ୍ରିତ ହେବ । ତେବେ ଡାଏଟରେ ଖୁବ୍ କମ୍ ଡାଲଚିନି ସାମିଲ କରନ୍ତୁ । ଆବଶ୍ୟକତା ଠାରୁ ଅଧିକ ଡାଲଚିନି ଖାଇବା ଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ହୋଇଥାଏ । ଏଥିରେ ମହଜୁଦ ସିନେମଲଡିହାଇଡ୍ ଗଳାରେ ଜ୍ୱଳନ ବଢ଼ାଇପାରେ ।

ଡାଲଚିନିରେ ଅଧିକ ମାତ୍ରାରେ କ୍ୟାମାରିନ୍ ରହିଥାଏ । ଅଧ୍ୟୟନରୁ ଜଣାପଡିଛି ଅଧିକ କ୍ୟାମାରିନ୍ ଖାଇବା ଦ୍ୱାରା ଲିଭର ଖରାପ ହେବା ଆଶଙ୍କା ବଢ଼ିପାରେ ।



ହାର୍ଟ ସମସ୍ୟା ଥିବା ବ୍ୟକ୍ତି ଡାଲଚିନି ଅଧିକ ଖାଇବା ଉଚିତ ନୁହେଁ । କାରଣ ଡାଲଚିନି ହାର୍ଟରେଟ୍ ବଢ଼ାଇଥାଏ ।

# ରାମକଥା



ଅନେକ ଲୋକ ଭକ୍ତି କରନ୍ତି, କିନ୍ତୁ କିଛି ପାଇବା ପାଇଁ ନିଶ୍ଚିତ ଆଶା ରଖିଥାନ୍ତି । ଭକ୍ତିର ଫଳ କିନ୍ତୁ ଭୋଗ ନୁହେଁ । ଭକ୍ତିର ଫଳ ହେଉଛି ଭଗବାନ୍ । ସେବାର ଫଳ ହେଉଛି ସେବା, ସେବା ଅର୍ଥାତ୍ ଭୋଗ ନୁହେଁ । ଭୋଗ ପାଇଁ ନୁହେଁ, ଭଗବାନଙ୍କ ପାଇଁ ସେବା କରିବା ଉଚିତ । ଅନେକ ଲୋକ ଭାବନ୍ତି ଯେ ଭକ୍ତି କଲେ ପ୍ରଚୁର ପଇସା ମିଳିବ । ଭକ୍ତି କଲେ ପ୍ରତିଷ୍ଠା ପାଇବା, ସୁଖ ପାଇବା । ଭକ୍ତିର ଫଳ କ'ଣ ଲୌକିକ ସୁଖ ? ଭକ୍ତିର ଫଳ ହେଉଛି ଅଲୌକିକ ଭଜନାନନ୍ଦ । ଭକ୍ତିର ଫଳ ହେଉଛି ବ୍ରହ୍ମାନନ୍ଦ ।

ଭଗବାନଙ୍କର ଇଚ୍ଛା ଯେଉଁଠାରେ ଥାଏ, ଯାହା ପାଖରେ ଥାଏ, ଭକ୍ତି ସେହିଠାରେ, ତା ପାଖରେ ରହେ । ଭୋଗ ନିମନ୍ତେ ଭକ୍ତି କଲେ ଭଗବାନଙ୍କୁ ତାହା ଭଲ ଲାଗେ ନାହିଁ । ଭୋଗ ନିମନ୍ତେ ଯିଏ ଭକ୍ତି କରେ ତାକୁ ବି ଭଗବାନ ଭଲ ଲାଗନ୍ତି ନାହିଁ । ତାକୁ ସଂସାର ଭଲ ଲାଗେ । ଲୌକିକ ସୁଖ ନିମନ୍ତେ ଭଗବାନଙ୍କୁ ପ୍ରାର୍ଥନା ନ କରିବା ଉଚିତ । ସଂସାରର ଲୌକିକ ସୁଖ ଆମକୁ ପ୍ରାରବ୍ଧ ଅନୁସାରେ ମିଳିଥାଏ । ଯେଉଁ ଜୀବ ଉପରେ ଭଗବାନ କୃପା କରନ୍ତି ତାକୁ ଅଧିକ ଲୌକିକ ସୁଖ ଭଗବାନ ଦିଅନ୍ତି ନାହିଁ । ଲୌକିକ ସୁଖ ମିଳିଲେ ଜୀବ ଈଶ୍ୱର ବିମୁଖ ହୋଇ ଯାଆନ୍ତି । ଭଗବାନ ଏପରି ଅନେକ ଥର କରିଥାନ୍ତି ଯେ ବୈଷ୍ଣବର ଭକ୍ତିରେ ବିଘ୍ନ ସୃଷ୍ଟି କରୁଥିବା ସୁଖକୁ ଭଗବାନ ଜବରଦସ୍ତ ଛଡ଼େଇ ନିଅନ୍ତି । ଫଳରେ ବୈଷ୍ଣବକୁ ପ୍ରଭୂତ ଦୁଃଖ ହୁଏ । ବୈଷ୍ଣବର ପାପର ଭାର ବିଚାର କରି ଭଗବାନ ନିର୍ଦ୍ଧାରଣ କରିଦିଅନ୍ତି ଯେ ଏହାର ଏହି ଜନ୍ମରେ ସମସ୍ତ ପାପଭୋଗ କରାଇ ବୈଷ୍ଣବକୁ ନିଜ ଧାମକୁ ନେଇଯିବେ । ବୈଷ୍ଣବକୁ ପରମାନନ୍ଦ ଦେବାକୁ ତାଙ୍କର ଏପରି ଇଚ୍ଛା ହୁଏ । ବୈଷ୍ଣବର ପାପକୁ ଭସ୍ମ କରାଇବା ପାଇଁ, ତା ଭକ୍ତିରେ ବିଘ୍ନ ଗୁଡ଼ିକୁ ଏଡ଼ାଇଦେବା ଉଦ୍ଦେଶ୍ୟରେ ପ୍ରଭୁ ତାକୁ ଅନେକ କଷ୍ଟ ସହ୍ୟ କରିବାକୁ ବାଧ କରନ୍ତି ।

ଗୋଟିଏ ବୈଷ୍ଣବ ଦମ୍ପତି ଥିଲେ । ଦୁଇଟି ମାତ୍ର ପ୍ରାଣୀ । ଘରେ ଆଉ ତୃତୀୟ ଲୋକ କେହି ନ ଥିଲେ । ଦୁହେଁ ଦିନ ତମାମ ଠାକୁରଙ୍କର ସେବାସ୍ମରଣ କରନ୍ତି, ଠାକୁରଙ୍କର ମଙ୍ଗଳମୟ ଲୀଳା ଚିନ୍ତନ କରନ୍ତି, ଆଉ ମନେ ମନେ ଗୋକୁଳରେ ରହିଥିବା ଭଳି ମନେ କରୁଥାଆନ୍ତି । ଦିନଟିଯାକ ପ୍ରଭୁଙ୍କ ଠାରେ ମନକୁ ନିମଗ୍ନ ରଖିଥାଆନ୍ତି । ପ୍ରଭୁଙ୍କୁ ବି ଖୁବ୍ ଆନନ୍ଦ ଲାଗୁଥାଏ । ଠାକୁର ତେଣୁ ସେହି ଦମ୍ପତିଙ୍କ ଘରେ ଆନନ୍ଦରେ ରହିଥାଆନ୍ତି ।

--୦୦--

# ସର୍ବେଦ




**ଅଜ ସୁକୃତ ଦର୍ଶନ ନହିଁ, ହୋୟ ପରୀକ୍ଷା ନାହିଁ ।**
**ଓ୍ୱହ ସଦ୍‌ଗୁରୁ ପଦ ହୈ ନହିଁ, ବ୍ୟର୍ଥ ଗୁରୁ ଜଗ ମାହିଁ ॥୦୮॥**

ଭାଷ୍ୟ - ଯେଉଁ ଗୁରୁ ଚାରି ଯୁଗରେ ନିଜ ଇଚ୍ଛା ଅନୁସାରେ ସ୍ୱତନ୍ତ୍ର ଭାବରେ ପ୍ରକଟିତ ହୋଇ ସଂସାରର ଭବତାପିତ ଜୀବମାନଙ୍କୁ ଅମୃତସମ ଶାନ୍ତି ପ୍ରଦାନ କରନ୍ତି, ସେମାନଙ୍କୁ ନିତ୍ୟ ଅନାଦି ସଦ୍‌ଗୁରୁ କହନ୍ତି । ତାଙ୍କୁ ଏହି ପଦରେ 'ଅଜ' ଏବଂ 'ସୁକୃତ' ବୋଲି ଅଭିହିତ କରାଯାଇଛି । ବ୍ରହ୍ମବିଦ୍ୟାର ଆଦି ଆଚାର୍ଯ୍ୟ ସୁକୃତଦେବ ଅଟନ୍ତି । ଏହାଙ୍କୁ ବେଦରେ 'ଅଜ' ତଥା 'ସୁକୃତ' ବୋଲି କୁହାଯାଇଛି । ଯେତେବେଳ ପର୍ଯ୍ୟନ୍ତ ବ୍ରହ୍ମବିଦ୍ୟା ଆଚାର୍ଯ୍ୟଙ୍କୁ ଏହି ଅଜ ଏବଂ ସୁକୃତଙ୍କ ପ୍ରତ୍ୟକ୍ଷ ଦର୍ଶନ ନ ହୋଇଛି, ତାଙ୍କର କେବଳ ଯେ ପରୀକ୍ଷା ହୋଇଥାଏ ତାହା ନୁହଁ, ସେତେବେଳ ପର୍ଯ୍ୟନ୍ତ ସଦ୍‌ଗୁରୁ ପଦ ପ୍ରାପ୍ତ ହୁଏ ନାହିଁ । ନିତ୍ୟ ଅନାଦି ସଦ୍‌ଗୁରୁଙ୍କ ଜ୍ଞାନଧାରା ଯେବେ ଅଧିକାରୀ ଆଚାର୍ଯ୍ୟଙ୍କ ପାଖକୁ ଆସିଯାଏ, ତେବେ ସଦ୍‌ଗୁରୁ ପଦ ପ୍ରାପ୍ତ ହୋଇଯାଏ । ଅଜ ଗୁରୁଙ୍କର ଶିଷ୍ୟ ସ୍ୱାତି ପଦାଧିକାରୀ ସଦ୍‌ଗୁରୁଙ୍କ ଠାରୁ ପ୍ରାପ୍ତ କରିଥାଏ ଏବଂ ତାଙ୍କ ଠାରୁ ସେହି ଆତ୍ମା ବଳବତୀ ଏବଂ ତେଜସ୍ୱୀ ହୋଇ ବ୍ରହ୍ମବିଦ୍ୟାର ସମସ୍ତ କଳାଗୁଡ଼ିକର ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ହୁଏ । ସେଥିପାଇଁ ଅଜ ସୁକୃତ ଦ୍ୱାରା ହିଁ ସଦ୍‌ଗୁରୁଙ୍କର ପଦ ପ୍ରାପ୍ତି ହୋଇଥାଏ । ଯାହାଙ୍କୁ ସଦ୍‌ଗୁରୁଙ୍କର ଦର୍ଶନ ହୋଇ ନାହିଁ, ସେଭଳି ସ୍ୱଘୋଷିତ ଗୁରୁ ସଂସାରରେ ବ୍ୟର୍ଥ ଗୁରୁ ପଦକୁ ଧାରଣ କରିଥାନ୍ତି । ସମସ୍ତ ଗୁରୁଙ୍କର ଗୁରୁ ନିତ୍ୟ ଅନାଦି ଅଜ ସୁକୃତଦେବ ଅଟନ୍ତି । ତାଙ୍କ ଦ୍ୱାରା ସୃଷ୍ଟିର ପ୍ରାରମ୍ଭ କାଳରୁ ବ୍ରହ୍ମବିଦ୍ୟାର ଅଧିକାରୀ ଜୀବ ତତ୍ତ୍ୱଜ୍ଞାନବୋଧ ହୋଇ ଅମୃତ ପରମାନନ୍ଦକୁ ପ୍ରାପ୍ତ କରି କୃତକୃତ୍ୟ ହୋଇଯାଆନ୍ତି ।

**ଜଓ୍ୱ ତକ ସୁକୃତଦେଓ୍ୱ କୀ, ଆଜ୍ଞା ସନଦ ନ ଛାପ ।**
**ମନ ମୁଖ ସଦ୍‌ଗୁରୁ ନହିଁ ବନେ, ଅଦ୍‌ଭୁତ ସଦ୍‌ଗୁରୁ ମାପ ॥୦୯॥**

ଭାଷ୍ୟ - ଯେତେବେଳ ପର୍ଯ୍ୟନ୍ତ ଅଜ ସୁକୃତ ଦେବଙ୍କର ଆଦେଶ, ପ୍ରମାଣ ଏବଂ ଅଭିଷେକ ପ୍ରାପ୍ତ ନ ହୋଇଛି ସେତେବେଳ ପର୍ଯ୍ୟନ୍ତ ସ୍ୱଭାବତଃ ସଦ୍‌ଗୁରୁ ପଦ ମିଳେ ନାହିଁ । ସଦ୍‌ଗୁରୁ ହେବା ନିମନ୍ତେ ସଦ୍‌ଗୁରୁଙ୍କର ଆଶ୍ଚର୍ଯ୍ୟମୟ ପରୀକ୍ଷା ଅଛି । ସେଥିରେ ଉତ୍ତୀର୍ଣ୍ଣ ହେଲେ ହିଁ ସଦ୍‌ଗୁରୁ ପଦ ମିଳିଥାଏ । ସଦ୍‌ଗୁରୁ ଦେବ ସଦ୍‌ଗୁରୁ ପଦ ପ୍ରଦାନ କରିଥାନ୍ତି । କୌଣସି ଜୀବ ସଦ୍‌ଗୁରୁ ତିଆରି କରି ନ ଥାନ୍ତି । ଏ ସମ୍ପର୍କରେ ଏହି ଦୋହାରେ କୁହାଯାଇଛି ।

**ଗତି ଓ୍ୱିହଙ୍ଗ ନ୍ୟାରା ଚଲେ, ପ୍ରକୃତି ଅଜ୍ଞ ଭୂ ଜ୍ଞାନ ।**
**ନିରାଧାର ଓ୍ୱେ ଉଡ଼ତା, ଜ୍ୟୌ ଜଗ ମେଁ ବ୍ୟୋମଯାନ ॥୧୦॥**

ଭାଷ୍ୟ - ବିହଙ୍ଗମ ଯୋଗୀ ପ୍ରକୃତିର ଜ୍ଞାନ ରଖି ନିରାଧାର ଗତିରେ ଆକାଶପଥରେ ଅଗ୍ରସର ହୁଏ, ଯେଉଁ ପ୍ରକାର ସଂସାରରେ ପୃଥିବୀମଣ୍ଡଳର ଜ୍ଞାନ ରଖି ନିରାଧାର ବ୍ୟୋମଯାନ ଆକାଶରେ ଉଡ଼େ । ବିହଙ୍ଗମ ଯୋଗରେ ପ୍ରକୃତିର ଜ୍ଞାନ ରଖି ନିଜ ମଣ୍ଡଳ ଭିତରେ ଚେତନ ସୁରତି ନିରାଧାର ହୋଇ ଆକାଶରେ ଗମନ କରିଥାଏ ।

**ସାର ଶବ୍ଦ ଉପଦେଶ ହୈ, ଗୁଁଗା ଗୁଁଗେ ସୈନ ।**
**ଅଓ୍ୱର ଭେଦ ଜାନେ ନହିଁ, ମୂକ ହୋୟ ମିଲ ସୈନ ॥୧୧॥**

ଭାଷ୍ୟ - ଉତ୍ତମକୋଟିର ଶିରୋବ୍ରତଧାରୀ ଅଧିକାରୀ ନିମନ୍ତେ ସାରଶବ୍ଦ ଅର୍ଥାତ୍ ବ୍ରହ୍ମବିଦ୍ୟାର ଶେଷ ଶୀର୍ଷ ଉପଦେଶ ମୂକ ଏବଂ ମୂକ ବ୍ୟକ୍ତିର ସଂକେତ ସମାନ ହୋଇଥାଏ । ଯେମିତି ମୂକ ବ୍ୟକ୍ତି ଅନ୍ୟଏକ ମୂକ ବ୍ୟକ୍ତିର ସଂକେତକୁ ସହଜରେ ହୃଦୟଙ୍ଗମ କରିପାରେ, ସେହି ପ୍ରକାର ଆଧ୍ୟାତ୍ମିକ ସଦୁପଦେଶକୁ ଆଚାର୍ଯ୍ୟ ଜ୍ଞାନ ପ୍ରତିଭାର ଦିବ୍ୟ ସଂକେତ ଦ୍ୱାରା ହିଁ ଅଧିକାରୀଙ୍କର ଜ୍ଞାନଦୃଷ୍ଟି ଖୋଲିଦେଇ ବତାଇ ଦିଅନ୍ତି । ଉତ୍ତମକୋଟିର ଭକ୍ତକୁ ଆଚାର୍ଯ୍ୟଗଣ ସଂକେତ ଦ୍ୱାରା ହିଁ ବ୍ରହ୍ମବିଦ୍ୟାର ଉପଦେଶ ଦେଇ ଦିଅନ୍ତି ଏବଂ ସେହି ଅଧିକାରୀ ସେହି ତତ୍ତ୍ୱଜ୍ଞାନବୋଧକୁ ପ୍ରାପ୍ତକରି ଶାନ୍ତ ଏବଂ ନିମଗ୍ନ ହୋଇଯାଆନ୍ତି । ଏହି ଭେଦକୁ ଅନାଧିକାରୀ ଜାଣନ୍ତି ନାହିଁ । ମନ, ଇନ୍ଦ୍ରିୟ ଆଦିର ଦୋଷ ଶାନ୍ତ ହୋଇଯିବା ପରେ, ବାହ୍ୟ ବିଷୟ-ପ୍ରବାହ ଅଧିକାରୀଙ୍କର ମନ ଶାନ୍ତ ରହିଥାଏ । ସେଥିପାଇଁ ସେମାନେ ମୂକ ହୋଇଯାଆନ୍ତି । ମୂକ ହୋଇଯିବା ଦ୍ୱାରା ହିଁ ବ୍ରହ୍ମବିଦ୍ୟାର ତତ୍ତ୍ୱଜ୍ଞାନବୋଧ ପୂର୍ଣ୍ଣ ରୂପରେ ପ୍ରାପ୍ତ ହୋଇଥାଏ । ଅଶାନ୍ତ ଏବଂ ଅଜିତେନ୍ଦ୍ରିୟ ବ୍ୟକ୍ତି ବ୍ରହ୍ମବିଦ୍ୟା-ଉପଦେଶର ଅଧିକାରୀ ହୋଇ ନ ଥାନ୍ତି । ସେଥିପାଇଁ ସାମ, ଦାନ ଆଦି ଗୁଣ ସମ୍ପନ୍ନ ଅଧିକାରୀ ହୋଇ ବ୍ରହ୍ମବିଦ୍ୟା ତତ୍ତ୍ୱଜ୍ଞାନ ପ୍ରାପ୍ତ କରିବା ନିମନ୍ତେ ସଦ୍‌ଗୁରୁଙ୍କର ଶରଣରେ ବ୍ରତୀ ହେବା ବିଧେୟ ।

**ପୀଲେ ପ୍ୟାଲା ପ୍ରେମ କା, ମୁଖ ପର ଲାଲୀ ଆୟ ।**
**ପ୍ରିୟ ମୁଖ ଜୈଁୟୋ ଲାଲୀ ପଡ଼ୀ, ଓ୍ୱହ ଛଓ୍ୱି ଓ୍ୱରନି ନ ଜାୟ ॥୧୨॥**

ଭାଷ୍ୟ - ଶବ୍ଦାମୃତ ପାନ କରିବା ଦ୍ୱାରା ଯୋଗୀ ମଧୁବତ୍ ହୋଇ ଯାଆନ୍ତି ଏବଂ ତାଙ୍କ ଭିତରେ ପରମ ପ୍ରିୟତମ ପ୍ରଭୁଙ୍କ ପ୍ରକାଶ ଆସିଯାଏ ଅର୍ଥାତ୍ ତାଙ୍କର ପରମ ପ୍ରକାଶରୁ ଆତ୍ମା ଓତଃପ୍ରୋତ ପରିପୂର୍ଣ୍ଣ ହୋଇଯାଏ । ପ୍ରିୟ ମୁଖର ପ୍ରକାଶ ଯେବେ ନିଜ ମୁଖ ଉପରେ ପ୍ରକଟ ହୁଏ, ସେ ସମୟର ଦୃଶ୍ୟପଟ ଅର୍ଥାତ୍ ଆନନ୍ଦମୟ ପରମ ସୌନ୍ଦର୍ଯ୍ୟର ବର୍ଣ୍ଣନା ଭାଷାରେ ପରିପ୍ରକାଶ କରିହେବ ନାହିଁ । ସେହି ଆତ୍ମରତି କେବଳ ଅନୁଭବ ଯୋଗ୍ୟ । ସେହି ପରମ ସୁଖ ପ୍ରାପ୍ତ ହେବାର ଚିତ୍ର ଅନୁମେୟ ଅଟେ । ଯେତେବେଳେ ଯୋଗୀର ଅନ୍ତର କବାଟ ଖୋଲିଯାଏ ସେତେବେଳେ ବ୍ରହ୍ମାନନ୍ଦର ଅମୃତଧାରା ପ୍ରକଟ ହୋଇ ପ୍ରବାହିତ ହେବାକୁ ଲାଗେ । ସେହି ଅବସ୍ଥାରେ ଯୋଗୀ ବ୍ରହ୍ମରେ କଲ୍ଲୋଳ କରିଥାଏ ଏବଂ ସେହି ପ୍ରଥମ ମିଳନର ସୁଖ ତଥା ଶୋଭା ବର୍ଣ୍ଣନାତୀତ ଅଟେ । ଏହି ବ୍ରହ୍ମ କଲ୍ଲୋଳରେ ଯୋଗୀ ପରମାନନ୍ଦକୁ ପ୍ରାପ୍ତ କରି ନିଜକୁ କୃତକୃତ୍ୟ କରେ । ଏହି ଭାବକୁ ସଦ୍‌ଗୁରୁଦେବ ଏହି ପଦରେ ଏହି ରୂପରେ ବର୍ଣ୍ଣନା କରିଛନ୍ତି ।

**ମୀନ ମହାନନ୍ଦ ବୃଡ଼ କର, ସମଝେ ଜୀବନ ପ୍ରାନ ।**
**ସୁଖେ ରହ ସକତୀ ନହିଁ, ତୈଁୟୋ ଜନ ପ୍ରଭୁ ମହଁ ଜାନ ॥୧୩॥**

ଭାଷ୍ୟ - ମାଛ ଜଳକୁ ନିଜ ଜୀବନର ପ୍ରାଣ ମନେକରି ସମୁଦ୍ରରେ ବୁଡ଼ି ରହିଥାଏ । ଜଳ ବିନା ମୀନ ଯେମିତି ନିମିଷ ମାତ୍ର ଜୀବନ ଧାରଣ କରିପାରେ ନାହିଁ, ସେହି ପ୍ରକାର ପ୍ରଭୁଭକ୍ତ ନିଜ ଜୀବନକୁ ପ୍ରଭୁଭକ୍ତି ଅତିରିକ୍ତ ନିମିଷ ମାତ୍ର ମଧ୍ୟ ଅଲଗା ରଖିପାରେ ନାହିଁ । ଏହା ହିଁ ଜଳ-ମୀନବତ୍ ଭକ୍ତିର ମହତି ମହିମା ଅଟେ । ପ୍ରଭୁଙ୍କ ଭକ୍ତି ଜଳ-ମୀନବତ୍ ହୋଇଥାଏ ଯେଉଁଥିରେ ଜୀବନର ଗୋଟିଏ ହେଲେ ଶ୍ୱାସ ପ୍ରଭୁଙ୍କୁ ଛାଡ଼ି ବାହାରକୁ ଯାଏନାହିଁ । ଏହି ଜଳ-ମୀନବତ୍ ଉତ୍ତମ ଭକ୍ତିର ପବିତ୍ର ସ୍ୱରୂପ ଅଟେ ।

**ଜ୍ୱାଲା ଅଗିନ ପ୍ରଦୀପ୍ତ ମେଁ, ସମିଧା କୃଦ ସ୍ୱଭାଓ୍ୱ ।**
**ଜ୍ୟୋତି ସ୍ୱରୂପୀ ବନ ଗଈ, ତୈଁୟୋ ହରି ଜନ ହରି ଭାଓ୍ୱ ॥୧୪॥**

ଭାଷ୍ୟ - ଯେଉଁ ପ୍ରକାର ପ୍ରଜ୍ୱଳିତ ଅଗ୍ନିରେ ସମିଧ ଜଳି ତାହାର ଜ୍ୟୋତି ସ୍ୱରୂପ ହୋଇଯାଏ ସେହି ପ୍ରକାର ପ୍ରଭୁଙ୍କ ନିକଟରେ ଆତ୍ମସମର୍ପିତ ଭକ୍ତ ସର୍ବସ୍ୱ ସମର୍ପଣ କରି ତାଙ୍କରି ସ୍ୱରୂପ ହୋଇଯାଆନ୍ତି । ଅର୍ଥାତ୍ ଯେଉଁ ପ୍ରକାର କାଷ୍ଠଖଣ୍ଡ ନିଆଁରେ ପ୍ରଜ୍ୱଳିତ ହୋଇ ଅଗ୍ନିର ସ୍ୱରୂପ ଧାରଣ କରିନିଏ, ସେହି ପ୍ରକାର ପ୍ରଭୁଙ୍କ ଭକ୍ତ ସମସ୍ତ ଅଭିମାନ ତ୍ୟାଗକରି ଆତ୍ମ ସମର୍ପଣ ପୂର୍ବକ ପ୍ରଭୁଙ୍କ ସ୍ୱରୂପ ହୋଇଯାଆନ୍ତି । ସେତେବେଳେ ତାଙ୍କୁ ଭକ୍ତିର ପରମ ସୁଖ ପ୍ରାପ୍ତ ହୋଇଥାଏ ।

**ସମର କ୍ଷେତ୍ର ମେଁ କୃଦ କର, ରଣ ଜ୍ୱାଲା ପର ଜାୟ ।**
**ପ୍ରାକ୍ରମ ଜ୍ୟୋତିୟ ପ୍ରକଟ କର, ଦୂର ଜ୍ୟୋତି ନହିଁ ପାୟ ॥୧୫॥**

ଭାଷ୍ୟ - ଯେଉଁ ପ୍ରକାର ବୀର ଯୋଦ୍ଧା ରଣଭୂମିରେ ଅବତୀର୍ଣ୍ଣ ହୋଇ ଘୋର ଯୁଦ୍ଧରେ ନିଜର ପ୍ରବଳ ପରାକ୍ରମକୁ ପ୍ରକଟ କରି ବିଜୟୀ ହୁଏ ଏବଂ ସେ ସମୟରେ ଶତ୍ରୁକୁ ମୁହୂର୍ତ୍ତେ ସୁଦ୍ଧା ସମୟ ଦିଏ ନାହିଁ, ସେହି ପ୍ରକାର ପ୍ରଭୁଙ୍କ ନିକଟରେ ଆତ୍ମସମର୍ପିତ ସନ୍ତ ଯୋଗାଭ୍ୟାସ ରୂପୀ ପରମ ତପସ୍ୟା ଅଗ୍ନିରେ ନିଜ ପ୍ରବଳ ପୁରୁଷାର୍ଥ ଦ୍ୱାରା ନିଜ ସମସ୍ତ ଶକ୍ତିକୁ ନେଇ ନିଜ ଧ୍ୟେୟର ପ୍ରାପ୍ତି ନିମନ୍ତେ ବୀର ଯୋଦ୍ଧା ସ୍ୱରୂପ ହୋଇ ଯାଆନ୍ତି । ସେ ସମୟରେ ସେ ତିଳ ସଦୃଶ ମଧ୍ୟ ନିଜ ଧ୍ୟେୟ ଚେଷ୍ଟାରୁ ବିରତ ହୁଅନ୍ତି ନାହିଁ । ଭକ୍ତିରେ ପ୍ରଭୁ-ପ୍ରାପ୍ତି-କାଳ-ଯୋଗ-ଅନୁଷ୍ଠାନରେ ଯୋଗସାଧକମାନଙ୍କର ଏମିତି ହିଁ ଅବସ୍ଥା ହେବା ଉଚିତ । ଏମିତି ହେଲେ ହିଁ ଏହି ଆଧ୍ୟାତ୍ମିକ ସଂଗ୍ରାମରେ ସେମାନେ ବିଜୟୀ ହୋଇ ପାରିବେ । ଗ୍ରନ୍ଥକାର ସଦ୍‌ଗୁରୁ ଦେବ ଏହି ପ୍ରକାର ଘୋର ପରିଶ୍ରମ କରି ସମାଧି-ଅନୁଷ୍ଠାନରେ ତିଳେ ହେଲେ ନିଜ ସାଧନା ଉପରୁ ବିଚ୍ୟୁତ ନ ହୋଇ ଅହର୍ନିଶ ନିଜ ପୁରୁଷାର୍ଥ ଦ୍ୱାରା ଏହି ଜୀବନ୍ମୁକ୍ତି ଅବସ୍ଥାକୁ ପ୍ରାପ୍ତ କରିଛନ୍ତି । ସେହି ଭାବକୁ ଏହି ଦୋହାରେ ପ୍ରକଟ କରାଯାଇଛି । ଯୋଗର ପ୍ରବଳ ପୁରୁଷାର୍ଥ ଦ୍ୱାରା ହିଁ ଜୀବନ୍ମୁକ୍ତି ତଥା ପରମ ଅବସ୍ଥାର ପ୍ରାପ୍ତି ହୋଇଥାଏ ।

## କଲରାର ଉପକାରିତା

କଲରାର ସ୍ୱାଦ ପିତା ହେଲେ ମଧ ସେଥିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି । ଆମକୁ ନୀରୋଗ ରଖିବାରେ ଏହା କେତେକାଂଶରେ ସାହାଯ୍ୟ କରିଥାଏ । ଏଥିରେ ଭିଟାମିନ୍ ସି ମଧ ପ୍ରଚୁର ପରିମାଣରେ ରହିଛି ।

ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏହାର ଆଣ୍ଟି ଅକ୍ସିଡାଣ୍ଟ ଓ ଆଣ୍ଟି ଇମଫ୍ଲାମେଟୋରୀ ଗୁଣ ପାଇଁ ବାହାର ଜୀବାଣୁକୁ ଏହା ଶରୀର ଭିତରକୁ ଯିବାକୁ ଦିଏ ନାହିଁ ।

ଏଥିରେ ଭିଟାମିନ୍ ଏ ଥିବାରୁ ଏହା ଶରୀରରେ ଚର୍ମ ଗଠନ କରିଥାଏ । ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ ମହୌଷଧି ସଦୃଶ କାମ କରେ ।

ହାର୍ଟ ଏବଂ ଡାଇବେଟିସ୍ ରୋଗୀମାନେ ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ନିହାତି



ଆବଶ୍ୟକ । କାରଣ ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ ।

ଏଥିରୁ ପ୍ରସ୍ତୁତ ଜୁସ୍ ମଧ ଶରୀର ପାଇଁ ବେଶ୍ ଉପକାରୀ ।

ଉଚ୍ଚ ରକ୍ତଚାପ, ଆଜମା ଭଳି ମାରାତ୍ମକ ରୋଗକୁ ଏହା କିଛି ମାତ୍ରାରେ ମଧ କମାଇଥାଏ ।

କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ । ଏହା ସହ ଯକୃତରୁ ବାଇଲ୍ ଏସିଡ୍ କ୍ଷରଣ କରି ମେଟାବୋଲିଜମ୍‌ରେ ପରିଣତ କରିଥାଏ ।

ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଏ । ଏହା ଶରୀରରେ ଆଲର୍ଜି ହେବାକୁ ଦିଏ ନାହିଁ । ଶରୀରରେ ଯଦି କ୍ୟାନସର କୋଷ ବୃଦ୍ଧିକୁ କେତେକାଂଶରେ ରୋକିବାରେ ସକ୍ଷମ ହୋଇଥାଏ କଲରା ।

କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ମଧ ସାହାଯ୍ୟ କରେ ।

## ଡାଇବେଟିସ୍ କମାଇବ ଜୁସ

ବର୍ତ୍ତମାନ ଅଧିକାଂଶ ମହିଳାଙ୍କ ଠାରେ ଡାଇବେଟିସ୍ ସମସ୍ୟା ଦେଖିବାକୁ ମିଳୁଛି, ଯେଉଁଥି ପାଇଁ ସେମାନଙ୍କୁ ପ୍ରତିଦିନ ମେଡିସିନ୍ ମଧ ଖାଇବାକୁ ପଡୁଛି । ହେଲେ ଖାଦ୍ୟ



ତାଲିକାରେ ଚିନି ଏବଂ ଅନ୍ୟାନ୍ୟ କାର୍ବୋହାଇଡ୍ରେଟ୍‌ଯୁକ୍ତ ଖାଦ୍ୟର ପରିମାଣ କମାଇବା ସହ କେତେକ ଜୁସକୁ ସାମିଲ କଲେ ଡାଇବେଟିସ୍ ବା ରକ୍ତରେ ଶର୍କରା ପରିମାଣ ନିୟନ୍ତ୍ରଣରେ ରଖାଯାଇ ପାରିବ ।

ଅଁଳା ଜୁସ୍: ଅନେକ ଔଷଧୀୟ ଗୁଣରେ ଭରପୂର ଅଁଳା ଡାଇବେଟିସ୍ କମ୍ କରିବାରେ ମଧ ବେଶ୍ ଉପଯୋଗୀ ଏଥିରେ ଫାଇବର ମାତ୍ରା ଅଧିକ ଥିବାରୁ ହଜମକ୍ରିୟା ଧୀର କରି ରକ୍ତରେ ଶର୍କରା ମାତ୍ରା ଅଧିକ ହେବାକୁ ଦିଏ ନାହିଁ । ଏଥିରେ ଥିବା କ୍ରୋମିଅମ୍ ମିନେରାଲ୍ କାର୍ବୋହାଇଡ୍ରେଟ୍ ମେଟାବୋଲିଜମ୍ ସହ ଇନସୁଲିନ୍ କ୍ଷରଣ ଠିକ୍ ଭାବରେ କରିବାରେ ସାହାଯ୍ୟ କରେ । ଯାହାଦ୍ୱାରା ଡାଇବେଟିସ୍ ନିୟନ୍ତ୍ରଣରେ ରହିଥାଏ ।

କାକୁଡି ଜୁସ୍: ଜର୍ନାଲ୍ ଅଫ୍ ପ୍ଲାଣ୍ଟ ଫୁଡ୍ସ ଫର୍ ହ୍ୟୁମାନ୍ ନ୍ୟୁଟ୍ରିଶନ୍‌ରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟ ମୁତାବକ କାକୁଡିରେ ପ୍ରଚୁର ପରିମାଣରେ ଥିବା ଫାଇବର ରକ୍ତରେ ଶର୍କରାର ମାତ୍ରା ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ । ବିଶେଷ କରି ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ ଲାଗି ଏହା ବେଶ୍ ଉପକାରୀ । ତା'ଛଡ଼ା ଏଥିରେ କ୍ୟାଲସିୟମ୍, ଆଇରନ, ଫସଫରସ୍, ଭିଟାମିନ୍ ଏ ବି-୧ ସି ଏବଂ ଆମିନୋ ଏସିଡ୍ ଅଧିକ ପରିମାଣରେ ରହିଥିବାରୁ ପ୍ରତିଦିନ କାକୁଡି ଜୁସ୍ ପିଇବା କିମ୍ବା କାକୁଡି ଖାଇବା ଡାଇବେଟିସ୍ ରୋଗୀ ଲାଗି ଉପକାରୀ ।

ବିଟ୍ ଜୁସ: ଅନେକ ଡାଇବେଟିସ୍ ରୋଗୀଙ୍କ ଠାରେ ସ୍ନାୟୁ ନଷ୍ଟ, ଚକ୍ଷୁ ସମସ୍ୟା ଆଦି ଦେଖିବାକୁ ମିଳେ, ଯାହାକୁ ଦୂର କରିବାରେ ବିଟ୍ ବେଶ ଉପକାରୀ । ଏଥିରେ ଥିବା ଆଲଫା ଲିପୋଇକ୍ ସ୍ନାୟୁ ଏବଂ ଚକ୍ଷୁ ସମସ୍ୟା ଦୂର କରିଥାଏ ।

କଲରା ଜୁସ୍: କଲରା ଜୁସ୍ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖିବାରେ ବେଶ୍ ସାହାଯ୍ୟ କରେ । କଲରାରେ ଥିବା ପଲିପେପ୍ଟାଇଡ୍ ପି ବା ପି-ଇନସୁଲିନ୍ ନାମକ ଏକ ଇନସୁଲିନ ଜାତୀୟ ଉପାଦାନ ଡାଇବେଟିସ୍ ସମସ୍ୟା କମାଇଥାଏ ।

## କ୍ୟାଲୋରିକୁ ସନ୍ତୁଳିତ ରଖେ ରକ୍ତଦାନ

କଥାରେ ଅଛି ରକ୍ତଦାନ ମହାପୁଣ୍ୟ । ଅନେକ ଏହାକୁ ଜୀବନର ଏକ ଅଙ୍ଗ ଭାବରେ ଧରି ନେଇଥାଆନ୍ତି । ତେବେ ରକ୍ତଦାନ କରିବା ଦ୍ୱାରା ଆମ ଶରୀରେ କ୍ୟାଲୋରି ପରିମାଣ ସନ୍ତୁଳିତ ରହିବ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି । କାରଣ ଆମ ଶରୀରରେ କ୍ୟାଲୋରି ସନ୍ତୁଳିତ ରହିବା ନିହାତି ଜରୁରୀ । ଏଥିରେ ଅସନ୍ତୁଳିତ ପରିଲକ୍ଷିତ ହେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିବା ସହ ଆମ ଶରୀର ପାଇଁ ଅନେକ କ୍ଷତି ପହଞ୍ଚାଏ । ଯଦି ଜଣେ ବ୍ୟକ୍ତି ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରନ୍ତି ତେବେ ତାଙ୍କ ଶରୀରରେ କ୍ୟାଲୋରି ପରିମାଣ ସନ୍ତୁଳିତ ରହିଥାଏ । ହେଲେ ରକ୍ତଦାନ କରିବା ପୂର୍ବରୁ ସେମାନେ ଏ ନେଇ କେତେ ଫିଟ୍ ତାହା ପରୀକ୍ଷା କରାଇ ନେବା ଯଥେଷ୍ଟ ଜରୁରୀ । ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରୁଥିବା କେତେକ ବ୍ୟକ୍ତିଙ୍କ କ୍ୟାଲୋରି ପରିମାଣ କେତେ ରହୁଛି ତାହାକୁ ପରୀକ୍ଷା ପରେ ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣି ପାରିଥିଲେ । ତେବେ କ୍ୟାଲୋରିସ୍ତରକୁ ସନ୍ତୁଳିତ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ଖାଇବା ଦରକାର ।

## ଆପଣ ଜାଣନ୍ତି କି ?

- ଭାରତରେ ପ୍ରତି ୩୩ ସେକେଣ୍ଡରେ ହାର୍ଟ ଆଟାକରେ ଜଣଙ୍କର ମୃତ୍ୟୁ ଘଟୁଛି ।
- ସେଲଫୋନ ରାଡିଏସନ ମସ୍ତିଷ୍କକୁ ବେଶୀ କ୍ଷତି କରେ । ଯଦି ଇୟରପିସ୍ ଲଗାନ୍ତି ତେବେ ୯୮ ପ୍ରତିଶତ ରାଡିଏସନରୁ ରକ୍ଷା ପାଇପାରିବେ । ଆଉ ମଧ ଜଣାପଡିଛି ଯେ ଲ୍ୟାପଟପ ରାଡିଏସନ ଫର୍ଟିଲିଟିକୁ ପ୍ରଭାବିତ କରେ ।
- ଆମେରିକାର ଇଞ୍ଜିନିୟରମାନେ ଏକ ପ୍ରକାରର ଆଣ୍ଡରୱିୟର ପ୍ରସ୍ତୁତ କରିଛନ୍ତି ଯାହା ସହଜରେ ବ୍ୟାକପେନ କମାଇପାରୁଛି ।
- ବହୁଦିନ ଧରି ମାଢ଼ିରେ ସମସ୍ୟା ଲାଗି ରହିଲେ ତାହା କ୍ୟାନସରର ପୂର୍ବଭାସ ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି ।
- କାଇମ୍ବ୍ରୋ ବିଶ୍ୱବିଦ୍ୟାଳୟ, ପର୍ତ୍ତୁଗାଲର ବୈଜ୍ଞାନିକମାନେ କହିଛନ୍ତି ୩୦ ବର୍ଷ ବୟସ ପରେ ଯେଉଁମାନେ ମା' ହେଉଛନ୍ତି ସେମାନେ କିଶୋରୀ ଅବସ୍ଥାରେ ମା' ହେଉଥିବା ମହିଳାମାନଙ୍କ ଠାରୁ ବେଶୀଦିନ ବଞ୍ଚନ୍ତି ।
- ଯଦି ୯ ଘଣ୍ଟା ବିଶ୍ରାମ ନେଇ ପାରୁ ନାହାନ୍ତି କି ଭଲରେ ଶୋଇ ପାରୁନାହାନ୍ତି ତେବେ ଓଜନ ବୃଦ୍ଧି କରିବା ସହ ଡାଇବେଟିସ୍‌କୁ ଆମନ୍ତ୍ରଣ କରେ ବୋଲି ଏକ ଗବେଷଣାରୁ ଜଣାପଡିଛି ।
- ବିଶ୍ୱର ପ୍ରଥମ କୃତ୍ରିମ ହୃତପିଣ୍ଡ ଏବଂ ମୁହଁ ପ୍ରତ୍ୟାରୋପଣ ଫ୍ରାନ୍ସର ଜର୍ଜେସ୍ ପିମ୍ପିଡୋ ହସ୍ପିଟାଲରେ କରାଯାଇଥିଲା ।
- ଗାଡିରେ ଲାଗୁଥିବା ଲାଇସେନ୍ସ ପ୍ଲେଟ ସର୍ବପ୍ରଥମେ ଫ୍ରାନ୍ସରେ ଆରମ୍ଭ କରାଯାଇଥିଲା ।

## କହିପାରିବେ କି ?

୧) ତମାଖୁରେ କେଉଁ ହାନିକାରକ ତତ୍ତ୍ୱ ଥାଏ ?
(୨) କାମାକ୍ଷା ମନ୍ଦିର ଭାରତର କେଉଁ ରାଜ୍ୟରେ ରହିଛି ?
(୩) 'ଲେଡି ଡକ୍ଟର' ପୁସ୍ତକର ଲେଖକ କିଏ ?
(୪) ରାଜୀବ ଗାନ୍ଧି ଖେଳରତ୍ନ ପୁରସ୍କାର ନାମ ବଦଳାଇ ଏବେ କ'ଣ ରଖାଯାଇଛି ?
(୫) ଦିଲ୍ଲୀର ଲାଲ୍ କିଲ୍ଲା କିଏ ନିର୍ମାଣ କରିଥିଲେ ?
(୬) ଭାରତୀୟ ରାଷ୍ଟ୍ରଗାନ 'ଜନ ଗଣ ମନ' କୁ ସମ୍ବିଧାନ ସଭା କେବେ ଆପଣାଇ ଥିଲେ ?
(୭) ମଣିଷର ମୁଖମଣ୍ଡଳରେ କେତୋଟି ହାଡ଼ ଥାଏ ?
(୮) ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରଥମ ମେଡ଼ାଲ କିଏ ଆଣିଥିଲେ ?
(୯) ମହାଭାରତର ଅଭିମନ୍ୟୁଙ୍କ ପତ୍ନୀଙ୍କ ନାମ କ'ଣ ଥିଲା ?
(୧୦) ଓଡ଼ିଶାର ସବୁଠୁ କମ୍ ଜନସଂଖ୍ୟା ବିଶିଷ୍ଟ ଜିଲ୍ଲାର ନାମ କ'ଣ ?

### JUMBLE WORDS

| | | | |
|---|---|---|---|
| 1) WPASYM | = | 6) LLAOEC | = |
| 2) PEUDXL | = | 7) NLBDA | = |
| 3) CUENL | = | 8) UDOAI | = |
| 4) RSOCS | = | 9) HYOTTO | = |
| 5) NETYDR | = | 10) GIPOST | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ୭ ଜଣ, ୨. ଏମ୍.ଫାତିମା ବିବି, ୩. ୨୦୦୨, ୪. ମଣିପୁର, ୫. ପାକିସ୍ତାନ, ୬. ୨୭ ବର୍ଷ, ୭. ଗ୍ରୀକ୍, ୮. ୨୪ ଜାନୁୟାରୀ ୧୯୫୦, ୯. ଅନୀତା ଦେଶାଇ, ୧୦. ୮୦% ।

***Jumble Words*** ର ଉତ୍ତର :-

(1) MOVIE (2) LIMIT (3) TANDEM (4) WALNUT (5) THUMP (6) COLIC (7) UNWISE (8) PACKET (9) COMIC (10) CHUNK

## କର୍ମଯୋଗ...

ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

ଆପଣ ବୁଝୁଛନ୍ତି ଯେ ଆପଣ କର୍ମ କରୁଛନ୍ତି । ଆପଣ କିଏ ? ଆପଣ କ'ଣ ଇନ୍ଦ୍ରିୟ, ଆପଣ କ'ଣ ଶରୀର ? ଆପଣ କ'ଣ ଚିତ୍ତ, ମନ ? ଆପଣ କ'ଣ ବୁଦ୍ଧି, ଅହଂକାର ବା ଆପଣ ଈଶ୍ୱରଙ୍କ ପରମ ଅଂଶ ଆତ୍ମା । ଯଦି ଆପଣଙ୍କୁ ନିଜ ସ୍ୱରୂପର ସଠିକ୍ ବୋଧ ହେବ, ସଠିକ୍ ଜ୍ଞାନ ହେବ ତ ଆପଣ ଅନୁଭବ କରିବେ ଯେ କର୍ମ ଆପଣଙ୍କ ଦ୍ୱାରା ହେଉ ନାହିଁ ।

ପ୍ରକୃତିରେ ହିଁ କର୍ମ ଘଟିତ ହେଉଛି । କୌଣସି ବି କର୍ମ ଜୀବାତ୍ମାକୁ, ଅନ୍ତରାତ୍ମାକୁ ସ୍ପର୍ଶ କରେ ନାହିଁ । ସମସ୍ତ ସୀମାରେଖା ପ୍ରକୃତିରେ ହିଁ ଅଛି । ପ୍ରକୃତିରେ ହିଁ କର୍ମ ଘଟିତ ହୋଇଥାଏ । କର୍ମଗୁଡିକର ପରିଣାମ କେବଳ ଚିତ୍ତରେ ସଂକଳ୍ପିତ, ସଞ୍ଚିତ ହୋଇଥାଏ । କର୍ମର କୌଣସି ପରିଣାମ ଆତ୍ମାକୁ ବାନ୍ଧେ ନାହିଁ । ସେଥିପାଇଁ କର୍ମଯୋଗରେ କର୍ତ୍ତାପଣିଆର ତ୍ୟାଗ ଜରୁରୀ । କର୍ତ୍ତାପଣିଆ ଏକ ଭ୍ରମ, ଏକ ଭ୍ରାନ୍ତି, ଏହି ଭ୍ରାନ୍ତିର ତ୍ୟାଗ କରିଦିଅ, ପୁଣି କର୍ମର ପରିଣାମ ତୁମକୁ ବାନ୍ଧିବ ନାହିଁ । କର୍ତ୍ତାପଣିଆର ପରିଣାମ, କର୍ତ୍ତାପଣିଆର ତ୍ୟାଗ ଆମକୁ ବାସ୍ତବିକ ରୂପେ କର୍ମଯୋଗୀ କରିଥାଏ ।

କର୍ମଯୋଗର ଚତୁର୍ଥ ପକ୍ଷ- ସମତାର ଭାବ । ଗୀତାରେ ଭଗବାନ ଯୋଗକୁ ପରିଭାଷିତ କରିଛନ୍ତି ଯେ ସମତ୍ୱଂ ଯୋଗ ଉଚ୍ୟତେ । ସମତାର ବିପରୀତ ଅର୍ଥ ହେଉଛି ବିଷମତା । ଯେତେବେଳେ ଆମ ଭିତରେ ସମତାର ଭାବ ଥାଏ, ସେତେବେଳେ ଆମେ ସମସ୍ତଙ୍କୁ ଗୋଟିଏ ରୀତିରେ ଦେଖିଥାଉ ଓ ଯେତେବେଳେ ବିଷମତା ଥାଏ, ତ କାହା ପ୍ରତି ଆମର ସଦଭାବ ଥାଏ ଓ କାହା ପ୍ରତି ଦୁର୍ଭାବ ଥାଏ, ଆମେ ଆଗ୍ରହୀ ହୋଇଥାଉ । ସଦଭାବ ଓ ଦୁର୍ଭାବ ହୋଇଥାଏ ରାଗ ଓ ଦ୍ୱେଷ କାରଣରୁ । ଯାହା ପ୍ରତି ଆମେ ଆସକ୍ତ ହୋଇଥାଉ, ଯାହା ପ୍ରତି ଆମେ ରାଗରେ ଭରି ରହିଥାଉ, ଆସକ୍ତିରେ ପୂର୍ଣ୍ଣ ହୋଇଥାଉ, ତା' ପ୍ରତି ଆମର ସଦଭାବ ଥାଏ ଏବଂ ଯାହା ପ୍ରତି ଆମେ ଦ୍ୱେଷରେ ପୂର୍ଣ୍ଣ ହୋଇଥାଉ, ତା' ପ୍ରତି ଆମର ଦୁର୍ଭାବ ଥାଏ । ରାଗ ଦ୍ୱେଷ ଆମ ଭିତରେ ନିଜ ଓ ପରର ଭାବ ଉତ୍ପନ୍ନ କରିଥାଏ । ଆମ ପାଇଁ ନିଜର କିଏ ଓ ପରେ କିଏ ? ଆମର ଚିତ୍ତ ସମତାର ଅନୁଭବ କରିପାରେ ନାହିଁ, ରାଗ ଦ୍ୱେଷ ଚାଲିଗଲେ ସମତାର ଅନୁଭବ ହୋଇଥାଏ ଏବଂ ସମତାର ଅନୁଭବ ହେବାରେ ଲାଗିଲେ ଆମେ ସର୍ବତ୍ର ନିଜର ଅନ୍ତରାତ୍ମା ବ୍ୟାପ୍ତ ଥିବାର ଦେଖିବାରେ ଲାଗୁ ।

ଭଗବାନ କହିଛନ୍ତି ଯୋ ମାଂ ପଶ୍ୟତି ସର୍ବତ୍ର.. ଯିଏ ମୋତେ ସର୍ବତ୍ର ଦେଖିଥାଏ କେଉଁଠି ବି ମୁଁ ଲୁଚି ରହି ନାହିଁ । ସର୍ବତ୍ର, ସ୍ପଷ୍ଟ ପ୍ରକଟ ଅଟେ । ଯିଏ ସର୍ବତ୍ର ମୋତେ ଦେଖିଥାଏ ସର୍ବତ୍ର ନିଜର ଅନ୍ତରାତ୍ମାକୁ ଦେଖିଥାଏ ତ ପୁଣି ରାଗ କ'ଣ ଓ ଦ୍ୱେଷ କ'ଣ ? ତାପରେ ଆଉ ରାଗ ନ ଥାଏ କି ଦ୍ୱେଷ ନ ଥାଏ । କେହି ନିଜର ନୁହେଁ କି କେହି ପର ନୁହେଁ । ଗୋଟିଏ ସଂସ୍କାର ଜାଗ୍ରତ ହୋଇଥାଏ ତ ତା ଭିତରେ ନିଜର ଭାବ ଜାଗି ଉଠେ ଏବଂ ଆଉ ଗୋଟିଏ ସଂସ୍କାର ଜାଗ୍ରତ ହୋଇଥାଏ ତ ତା' ଭିତରେ ପରର ଭାବ ଆସିଯାଏ । କାଳ ଓ କର୍ମ ଘଟିତ ହୋଇଥାଏ, ଘଟଣାଗୁଡିକ ଘଟିଯାଏ । କୈକେୟୀ ରାମଙ୍କୁ ବହୁତ ଭଲ ପାଉଥିଲେ, ଗୋଟିଏ ସଂସ୍କାର ଜାଗିଲା, ଗୋଟିଏ କର୍ମ ଜାଗିଲା, କୈକେୟୀ ମାଧ୍ୟମ ହେଲେ ଓ ରାମଙ୍କୁ ବନବାସ ଦେଇଦେଲେ, ସେହି କର୍ମ ପୂର୍ଣ୍ଣ ହେଲା, ଘଟଣା ପୂର୍ଣ୍ଣ ହେଲା, କୈକେୟୀଙ୍କ ବିଚାର ଖୋଲିଗଲା, ଅନ୍ଧକାର ହଟିଗଲା, ତାଙ୍କୁ ନିଜର କର୍ମ ଉପରେ ଗଭୀର ପଶ୍ଚାତ୍ତାପ ହେଲା, ସମତ୍ୱଂ ରାଗ ଓ ଦ୍ୱେଷ ଠାରୁ ଭିନ୍ନ ନା ରାଗ ନା ଦ୍ୱେଷ । ସମତାରେ ସ୍ଥିତ ହୋଇ ଯେଉଁ କର୍ମ କରାଯାଏ, ଯେଉଁ କାର୍ଯ୍ୟ କରାଯାଏ ତାହା କର୍ମଯୋଗ ହୋଇଥାଏ, ତାହା ବାନ୍ଧେ ନାହିଁ । ଏହା କର୍ମଯୋଗର ଆଚରଣ ଅଟେ ।

କର୍ମଯୋଗର ପଞ୍ଚମ ପକ୍ଷ ଭଗବାନ କର୍ମଯୋଗକୁ ପୁନଃ ପରିଭାଷିତ କରିଛନ୍ତି, ଯୋଗଃ କର୍ମସୁ କୌଶଳମ୍ । କର୍ମକୁ ଟେକ୍ନୋଲୋଜୀ । ପ୍ରାୟ କର୍ମକୁ ଆମେ କୁଶଳତାପୂର୍ବକ କରି ନ ଥାଉ, ଅକୁଶଳ ହୋଇ କରିଥାଉ । ଯେପରି କର୍ମରେ ଯେବେ କୁଶଳତା ହୋଇଥାଏ ତ ଆମର ତନୁ ଓ ମନ କର୍ମରେ ପୂର୍ଣ୍ଣ ନିୟୋଜିତ ହେବା ଉଚିତ, ସମ୍ପୂର୍ଣ୍ଣ ରୂପେ । କର୍ମରେ ସ୍ଥିର ହେବା ଉଚିତ, ଏକାଗ୍ର ହେବା ଉଚିତ । ଏପରି ହୁଏ ନାହିଁ । ଆମେ ବାରମ୍ବାର ଫଳାକାଂକ୍ଷୀ ହୋଇଥାଉ, ବାରମ୍ବାର ସ୍ୱପ୍ନ ବୁଣିଥାଉ ।

ଯଦି ଆମେ ପରୀକ୍ଷାର ପ୍ରସ୍ତୁତି କରୁଛେ ତ ଆଶା କରିଥାଉ ଯେ ଏହି ପରୀକ୍ଷାର ପରିଣାମ ଯେବେ ଆସିବ, ତ ଆମେ ଶ୍ରେଣୀରେ ପ୍ରଥମ ହୋଇଯିବୁ, ତାପରେ କ'ଣ କ'ଣ ଘଟଣା ଘଟିବ, କେବେ ଖୁସୀ ମିଳିବ, ଘର ଲୋକେ ଖୁସୀ ହେବେ, ଚାକିରୀ କରିବୁ, ପୁଣି ଟଙ୍କା ରୋଜଗାର କରିବୁ । ବହୁତ ଧନ ହେବ, ଦୌଲତ ହେବ, ବହୁତ ସ୍ୱପ୍ନ ଯୋଡ଼ି ହୋଇଯାଏ ସେହି କର୍ମ ସହିତ, ଫଳ ମିଳେ ନାହିଁ, ମିଳିବାରେ ସନ୍ଦେହ ଥାଏ ଯେ ମିଳିବ କି ନାହିଁ, କିନ୍ତୁ ତାହାର ଫଳର ଆକାଂକ୍ଷା ଆମକୁ ତୀବ୍ରତାରେ ବାନ୍ଧିଥାଏ । ଫଳର ଆକାଂକ୍ଷାରେ ବାନ୍ଧିହେବା କାରଣରୁ ମନ ଅସଂଗଠିତ ହୋଇଥାଏ, ମନ ବିଚ୍ଛୁରିତ ହୋଇଥାଏ, ବାଣ୍ଟି ହୋଇଥାଏ, ବିଭାଜିତ ହୋଇଥାଏ ।

କର୍ମରେ ଯେତେ ମନୋଯୋଗ ହେବା ଉଚିତ, ଯେତେ ସମ୍ପୂର୍ଣ୍ଣତାର ସହିତ କର୍ମ ହେବା ଉଚିତ, ସେତେ ସମ୍ପୂର୍ଣ୍ଣତାର ସହିତ ହୋଇ ନ ଥାଏ । କେତେ ଥର ଆମେ ଭାବିଥାଉ ଯେ ଭଗବାନ ବାରମ୍ବାର କହିଛନ୍ତି - ମା ଫଳେଷୁ କଦାଚନ, ଫଳର ଇଚ୍ଛା କର ନାହିଁ, ତ ଏ ବିଷୟରେ ଭାବିଥାଉ ଯେ ଫଳର ଇଚ୍ଛା ନ କଲେ କର୍ମ ଆମେ କରିବୁ କ'ଣ ? ସାଧାରଣ କ୍ରମରେ ଲୋଭରେ ଓ ଭୟରେ ଆମେ କର୍ମ କରିଥାଉ, ଆମ ଭିତରେ ଲୋଭ ଥାଏ ଯେ କିଛି ମିଳିବ ବା ଆମେ ଭୟଭୀତ ହୋଇଥାଉ ଯେ ଆମେ କରିବୁ ନାହିଁ ତ ସବୁ କିଛି ବିଗିଡି ଯିବ । ଯୋଗୀ ଲୋଭ ଓ ଭୟର ଅଧୀନ ହୋଇ ନ ଥାଏ, ନା ସେ ଲୋଭ କରିଥାଏ ନା ଭୟାତୁର ହୋଇଥାଏ । ସେ ତ କେବଳ ପୂର୍ଣ୍ଣ ମନରେ ନିଜର କାମ କରିଥାଏ, ପୂର୍ଣ୍ଣ ତଲ୍ଲୀନତାରେ ନିଜର କାମ କରିଥାଏ ।

ପ୍ରଶ୍ନ ଉଠୁଛି ଯେ ଆମ ମନରେ ଯଦି ଆସକ୍ତି ନାହିଁ ତ ଆମେ କାମ କାହିଁକି କରିବୁ ? ଆମେ ରାଗରେ ଭରି ହୋଇ ଉତ୍ତମ କାମ କରିଥାଉ ଓ ଦ୍ୱେଷରେ ଭରି ରହି ମନ୍ଦ କାମ କରିଥାଉ । କିଛି ଭଲ ମିଳିବ, ଏହି ପାଇବାର ଇଚ୍ଛାରେ ଉତ୍ତମ କାମ କରିଥାଉ ଓ ଆମେ କାହାଠାରୁ ପ୍ରତିଶୋଧ ନେବୁ, କାହାକୁ ମାରିବୁ, କାହାର କ୍ଷତି କରିବୁ, ଏପରି ଚିନ୍ତା କରି ମନ୍ଦ କାମ କରିଥାଉ, ରାଗ ଦ୍ୱେଷ କରିଥାଉ ।

ଭଗବାନ କହୁଛନ୍ତି ଯେ ଏକଥା ଠିକ୍ ନୁହେଁ । ଏହାରି କାରଣରୁ ଏପରି କର୍ମ ହୋଇଥାଏ, ଯାହା ଆପଣଙ୍କୁ ଜନ୍ମ ଜନ୍ମ ପର୍ଯ୍ୟନ୍ତ ବାନ୍ଧିବ, ଜନ୍ମାନ୍ତର ପର୍ଯ୍ୟନ୍ତ ବାନ୍ଧି । ବନ୍ଧନରେ ଆପଣ ବାନ୍ଧି ହୋଇ ଚାଲିବେ । କର୍ମସୁ କୌଶଳମ୍- କର୍ମରେ କୁଶଳତା ଶିଖି, କର୍ମ ତ ଆମେ କରିବା, କିନ୍ତୁ ବାନ୍ଧିହେବା ନାହିଁ । କର୍ମ ତ ଆମେ କରିବା, କିନ୍ତୁ ବନ୍ଧନ ହେବ ନାହିଁ । ଏହି କର୍ମ କୁଶଳତା ଦ୍ୱାରା କର୍ମ କରି ଆମେ ମୁଖ ରହିଥାଉ- ମୁକ୍ତସଙ୍ଗଃ ସମାଚର । ସମ ଆଚରଣ କରି ମୁକ୍ତ, ଅସଙ୍ଗ ହୋଇ ଅନାସକ୍ତ ହୋଇ କର୍ମବନ୍ଧନରୁ ମୁକ୍ତ ହେବା, ଏହା କର୍ମର କୁଶଳତା ଅଟେ ।

କର୍ମଯୋଗର ଷଷ୍ଠ ପକ୍ଷ- ଭଗବାନ କର୍ମଯୋଗର ଆଉ ଏକ ତତ୍ତ୍ୱ କହିଛନ୍ତି, ସମସ୍ତ କର୍ମକୁ ଭଗବାନଙ୍କୁ ଅର୍ପଣ କର । ଲୋକେ ନିଜର ପ୍ରିୟଜନଙ୍କ ସକାଶେ ଉପହାର ଆଣନ୍ତି, ସେମାନଙ୍କ ପାଇଁ କର୍ମ କରନ୍ତି, କିନ୍ତୁ ଭଗବାନ ଏଠାରେ କହୁଛନ୍ତି ଯେ ସର୍ବପ୍ରିୟ, ସବୁଠାରୁ ପ୍ରିୟ ମୁଁ ଅଟେ । ଭଗବାନଙ୍କ ଠାରୁ ଅଧିକ ପ୍ରିୟ ଅନ୍ୟ କେହି ନାହିଁ । ତେଣୁକରି ଯାହା ବି କର୍ମ କରାଯିବ, ତାହା ତୁ ମୋ ପାଇଁ ଅର୍ପଣ କରିଦିଅ, ଯତ୍କରୋଷି- ଯାହା କିଛି କରୁଛୁ, ଏପରିକି ଭଗବାନ କହୁଛନ୍ତି, ଯଦଶ୍ନାସି ତୁ ଯେଉଁ ଖାଉଛୁ, ତୁ ଯେଉଁ ହବନ କରୁଛ, ଯତ୍ଦଦାସି- ତୁ ଯେଉଁ ଦାନ ଦେଉଛୁ, ଯତ୍ତପସ୍ୟସି ତୁ ଯେଉଁ ତପ କରୁଛୁ, ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରତ୍ୟେକ କର୍ମ, ସବୁ କିଛି ମୋତେ ଅର୍ପଣ କରିଦିଅ ।

ସଂସାରରେ ଆମର ଯେଉଁ ସମ୍ବନ୍ଧ ଗଢ଼ା ହୋଇଛି, ତାହା ଚିତ୍ତ ପର୍ଯ୍ୟନ୍ତ ସୀମିତ, ସଂସ୍କାରର ସମ୍ବନ୍ଧ ଅଛି, କର୍ମର ସମ୍ବନ୍ଧ ଅଛି । ଚେତନାର ସମ୍ବନ୍ଧ ନାହିଁ, ଚୈତନ୍ୟର ସମ୍ବନ୍ଧ ନାହିଁ । ଏହି ସମ୍ବନ୍ଧ ଏପରି ଯେ ଗୋଟିଏ ସଂସ୍କାର ଉତ୍ପନ୍ନ ହେଲା ଓ ଗୋଟିଏ ସମ୍ବନ୍ଧ ଗଢ଼ି ହେଲା ଏବଂ ସେହି ସଂସ୍କାର ସହିତ ଯେଉଁ କର୍ମ ଯୋଡ଼ି ହୋଇଛି, ସେ ପର୍ଯ୍ୟନ୍ତ ସଂସ୍କାରର ଡୋର ଚାଲିଥାଏ ଓ କର୍ମର ଡୋର ମଧ ଚାଲିଥାଏ । ସେହି ସଂସ୍କାର ଭାଙ୍ଗିଗଲେ କର୍ମ ଓ ସମ୍ବନ୍ଧ ଭାଙ୍ଗିଯାଏ । ସେହି ସମ୍ବନ୍ଧର ଏକ ସୀମା ଏକ ସମୟାବଧି ରହିଛି ।

ଆମେ ବହୁତ ପ୍ରଗାଢ଼ତାରେ କାହାକୁ ପ୍ରେମ କରିଥାଉ, କିନ୍ତୁ ସେହି ପ୍ରେମ ସଂସ୍କାର ଜନିତ । ପ୍ରେମ ଭାଙ୍ଗିଗଲେ ସେହି ବ୍ୟକ୍ତି ଅଲଗା ହୋଇଯାଏ, ଭିନ୍ନ ହୋଇଯାଏ । ତା'ର ସ୍ଥାନ ବଦଳିଯାଏ, ଦେଶ ବଦଳିଯାଏ । ସେହି ବ୍ୟକ୍ତି ଆମ ଜୀବନରୁ ଚାଲିଯାଏ, ଦୂରକୁ ଚାଲିଯାଏ । ସେଥିପାଇଁ ମିଳନ ବିଚ୍ଛେଦ ଜୀବନର ଧର୍ମ, ପ୍ରତ୍ୟେକ ସମ୍ବନ୍ଧରେ ଆମେ ଏକାଠି ହୋଇଥାଉ ଓ ଅଲଗା ବି ହୋଇଥାଉ । ଗୋଟିଏ ସ୍ଥାନରେ, ଗୋଟିଏ ବିଶେଷ ସ୍ଥାନରେ, ଗୋଟିଏ ବିଶେଷ ସମୟରେ କୌଣସି ବ୍ୟକ୍ତି ଆମ ଜୀବନରେ ଆସିଥାଏ । ବହୁତ ଭଲ ଲାଗିଥାଏ ଅର୍ଥାତ୍ ଶୁଭ ସଂସ୍କାର ଜାଗ୍ରତ ହୁଏ । ଏକ ବିଶେଷ ସ୍ଥାନରେ ଏକ ବିଶେଷ ସମୟରେ କୌଣସି ଅନ୍ୟ ବ୍ୟକ୍ତି ଆମ ଜୀବନରେ ଆସିଥାଏ । ବହୁତ ଖରାପ ଲାଗିଥାଏ, ଅଶୁଭ ସଂସ୍କାର ଜାଗ୍ରତ ହୁଏ ।

ଶୁଭ ସଂସ୍କାର ଜାଗ୍ରତ ହେଲେ ମନେହୁଏ ଯେମିତି ସମ୍ପୂର୍ଣ୍ଣ ଜୀବନ ଆମେ ତାହା ସହିତ ଯାପନ କରିନେଲେ ଏବଂ ଅଶୁଭ ସଂସ୍କାର ଜାଗ୍ରତ ହେଲେ ମନେହୁଏ ସମ୍ପୂର୍ଣ୍ଣ ଜୀବନର ଦୁର୍ଘଟଣା ତାହା ସହିତ ଘଟିତ ହୋଇଗଲା । ଏହା ସଂସ୍କାର ଓ କର୍ମର ସ୍ୱରୂପ ଉପରେ ନିର୍ଭର କରିଥାଏ । ପୁଣି ତାହା ପରେ ସେହି ସ୍ଥାନ ବି ବଦଳିଯାଏ ଏବଂ ବ୍ୟକ୍ତି ମଧ ବଦଳିଯାଏ, ସମ୍ବନ୍ଧ ବି ବଦଳିଯାଏ । ବାଲ୍ୟକାଳରୁ ଆଜି ପର୍ଯ୍ୟନ୍ତ ଯଦି ଆମେ ନିରୀକ୍ଷଣ କରିବା, ନିଜର ପରୀକ୍ଷଣ କରିବା ତ ପାରିବାରିକ ସମ୍ବନ୍ଧ ବ୍ୟତୀତ ଅନେକ ସମ୍ବନ୍ଧ ଗଢ଼ିହୁଏ ଓ ସମ୍ବନ୍ଧ ଭାଙ୍ଗିଯାଏ ମଧ, କିନ୍ତୁ ଏମିତି ଏକ ସମ୍ବନ୍ଧ ଅଛି, ଯାହା କେବେ ପରିବର୍ତ୍ତିତ ହୁଏ ନାହିଁ, ଅପରିବର୍ତ୍ତନୀୟ ଅଟେ ଆଜି ଓ କାଲି, କୌଣସି କ୍ଷଣରେ କୌଣସି ମୁହୂର୍ତ୍ତରେ ସେଥିରେ ପରିବର୍ତ୍ତନ ଆସିବ ନାହିଁ, ସେହି ସମ୍ବନ୍ଧ ହେଉଛି ଆତ୍ମା ପରମାତ୍ମାର ସମ୍ବନ୍ଧ ।

ଗୋସ୍ୱାମୀଜି କହିଛନ୍ତି ଈଶ୍ୱର ଅଂସ ଜୀବ ଅବିନାସୀ । ଚେତନ ଅମଳ ସହଜ ସୁଖରାସୀ । ଈଶ୍ୱର ଓ ଜୀବର ସମ୍ବନ୍ଧ ଅବିନାଶୀ, ଚେତନ, ନିର୍ମଳ ଓ ସୁଖର ଖଣି, ସୁଖ ହିଁ ସୁଖ ରହିଛି । ସେଥିପାଇଁ ସେ ପରମ ପ୍ରିୟ, ସର୍ବପ୍ରିୟ, ଯଦିଓ ଆମେ ତାଙ୍କ ପ୍ରତି ଆଖି ବନ୍ଦ କରି ଦେଇଛୁ । ଆମେ ତାଙ୍କ ପ୍ରତି ଉନ୍ମୁଖ ନ ହେଲେ ବି ତାଙ୍କୁ ଆମେ ତ୍ୟାଗ କରି ଦେଇଥିଲେ ବି, ସେ ଆମକୁ କେବେହେଲେ ତ୍ୟାଗ କରି ନାହାନ୍ତି । ତେଣୁକରି ଭଗବାନ କୃଷ୍ଣ କହିଛନ୍ତି ସମସ୍ତ କର୍ମକୁ ଭଗବାନଙ୍କୁ ଅର୍ପଣ କର, ଈଶ୍ୱରଙ୍କୁ ଅର୍ପଣ କର, ତତ୍କୁରୁଷ ମଦର୍ପଣମ୍ ।

କର୍ମଯୋଗର ସପ୍ତମ ପକ୍ଷ ଭଗବାନ କହିଛନ୍ତି, ମାନିନିଅ ଯେ ଆମେ କର୍ମଯୋଗ କରିପାରୁ ନାହେଁ, କର୍ମ କରିବା ବେଳେ ଆମେ ଚିନ୍ତନରେ ପରମେଶ୍ୱର ରହିପାରୁ ନାହାନ୍ତି, ତାହେଲେ ? ଆମେ ଭଗବାନଙ୍କୁ କର୍ମର ଫଳ ଅର୍ପଣ କରିଦେବା, କର୍ମ ଆମେ କରୁଛେ ଓ ଏହାର ଫଳ ଭଗବାନଙ୍କ ଉପରେ ଛାଡି ଦେବା, ଭଗବାନଙ୍କ ପାଇଁ ଛାଡିଦେବା । ପୁଣି କର୍ମଫଳର ଚିନ୍ତା ଆମକୁ ହେବ ନାହିଁ । ଭଗବାନ ଦ୍ୱାଦଶ ଅଧାୟର ଦ୍ୱାଦଶ ଶ୍ଳୋକରେ ଗୋଟିଏ କଥା କହିଛନ୍ତି ଯେଉଁ କାମ ଆମେ କରୁଛେ, ଅଗଠିତ ଭାବରେ କରୁଛେ, ସେହି ଅଭ୍ୟାସ ଠାରୁ ଜ୍ଞାନ ଶ୍ରେଷ୍ଠ, କିନ୍ତୁ ଜ୍ଞାନ ଯଦି କେବଳ ବିଚାର ଅଟେ, ଆମେ ତାହାର ମର୍ମକୁ ଜାଣିବା ନାହିଁ, ଜ୍ଞାନକୁ ଆଚରଣରେ ଉତାରିବା ନାହିଁ, ତ ଏପରି ଜ୍ଞାନ ନିରର୍ଥକ, ଏହି ଜ୍ଞାନ ଠାରୁ ଧାନ ଶ୍ରେଷ୍ଠ ଏବଂ ଧାନ ଠାରୁ ଶ୍ରେଷ୍ଠ ହେଉଛି କର୍ମଫଳର ତ୍ୟାଗ, କାରଣ ତ୍ୟାଗ ଦ୍ୱାରା ତତ୍କାଳ ଶାନ୍ତି ପ୍ରାପ୍ତ ହୋଇଥାଏ । ଏହିପରି କର୍ମଯୋଗର ବହୁତ ପକ୍ଷ ରହିଛି, ଏଗୁଡିକ ମଧରୁ କୌଣସି ଗୋଟିଏକୁ ବି ଯଦି ଆମେ ଜୀବନରେ ଆପଣାଇ ନେବା, ତ ଆମ ଜୀବନରେ କର୍ମଯୋଗ ସାଧି ହୋଇଯିବ ।

## ମଣିଷ ଜୀବନ...

ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ

କେତେକ କାର୍ଯ୍ୟକ୍ରମ ନାମକୁ ମାତ୍ର କାର୍ଯ୍ୟକ୍ରମ ନାମରେ ସୀମିତ ହୋଇ ରହିଯାଏ ଥାଏ । ଆଉ କେତେକ କ୍ଷେତ୍ରରେ କେବଳ କାଗଜକଲମ ଓ ଦସ୍ତାବିଜ ମଧରେ ଆବଦ୍ଧ ହୋଇ ଯାଇଥାଏ । ଏଥିପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଯଥେଷ୍ଟ ଆନ୍ତରିକତା ଓ ପଦକ୍ଷେପ ଗ୍ରହଣ କରିବା ନିହାତି ଜରୁରୀ ଅଟେ । ଏଗୁଡିକ ରୂପାୟନ କରିବା କ୍ଷେତ୍ରରେ ଦେଶପ୍ରେମ, ଦେଶ ପ୍ରତି ସମର୍ପିତ ମନୋଭାବ, ମଣିଷପଣିଆ ଓ ଆଗ୍ରହ ତଥା ପ୍ରତିବଦ୍ଧତା ଜରୁରୀ ଅଟେ । ଏପରିକି ଦୃଷ୍ଟିଭଙ୍ଗୀ ଓ କାର୍ଯ୍ୟଶୈଳୀ ତଥା ସେଗୁଡିକର ରୂପାୟନ ଓ ସଫଳତା ଅନିବାର୍ଯ୍ୟ ହୋଇଥାଏ । ତଦନୁସାରେ ଦେଶ ଓ ସାଧାରଣ ଜନତାର ସାମଗ୍ରିକ ଉନ୍ନତି ଓ ବିକାଶ ହୋଇ ପାରିବ ।

ଫାଟକ, ସମ୍ବଲପୁର

# ଡିଏଭିରେ ଫିଟ୍ ଇଣ୍ଡିଆ ସପ୍ତାହ ସାଙ୍ଗକୁ ଜାତୀୟ ଗଣିତ ଦିବସ ପାଳିତ

ଝାରସୁଗୁଡ଼ା: 'ଫିଟ୍‌ନେସ କା ଡାଜ, ଆଧା ଘଣ୍ଟା ରୋଜ' ଭାବନାକୁ ଚରିତାର୍ଥ କରିବା ସହ ଲୋକଙ୍କ ପାଖକୁ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଫିଟ ଇଣ୍ଡିଆ ସପ୍ତାହ ପାଳିତ ହୋଇ ଯାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକଙ୍କୁ ଉତ୍ସାହିତ କରିବା ପାଇଁ ସପ୍ତାହବ୍ୟାପୀ ମ୍ୟୁଜିକ ଆଧାରିତ ବ୍ୟାୟାମ ଯୋଗ ଓ ପରିବେଶ ସ୍ୱଚ୍ଛତା ସହ ଭଲିବଲ, ଖୋ-ଖୋ, ବ୍ୟାଡ଼ମିଣ୍ଟନ ଆଦି ଖେଳର ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀ ଶାରୀରିକ ସବଳତାଧର୍ମୀ ସମ୍ବଲପୁରୀ, ବିହୁ, ଭାଙ୍ଗଡ଼ା, ରାଜସ୍ଥାନୀ ଆଦି ନୃତ୍ୟ ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଶାରୀରିକ ସୁସ୍ଥତାର ଆବଶ୍ୟକତା ସନ୍ଦର୍ଭରେ ସ୍ୱାଗତ ଭାଷଣ ଦେବା ସହ ଫିଟନେସ ପାଇଁ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥିଲେ । ପିଇଟି ବିଜୟ କୁମାର ଦାଶ ଓ ମମିତା ରାଉତ ସପ୍ତାହବ୍ୟାପୀ ଆୟୋଜିତ କ୍ରିୟାକଳାପ ଗୁଡ଼ିକର ସଂଯୋଜନା କରିଥିଲେ ।

ସେହିପରି ଜାତୀୟ ଗଣିତ ଦିବସ ପାଳନ ଅବସରରେ ଗଣିତର ଯାଦୁଗର ତଥା ଭାରତୀୟ ଗଣିତର କିମ୍ବଦନ୍ତୀ ଶ୍ରୀନିବାସ ରାମାନୁଜନଙ୍କ ୧୩୪ ତମ ଜନ୍ମବାର୍ଷିକୀ ଅବସରରେ ରାମାନୁଜନଙ୍କ ଫଟୋ ଫଳକ ଉପରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କେନ୍ଦ୍ରୀୟ ବିଦ୍ୟାଳୟରୁ ଅବସରପ୍ରାପ୍ତ ଅଭିଜ୍ଞ ଗଣିତ ଶିକ୍ଷକ ଦୀପ୍ତେଶ୍ୱର ନାଏକ ଓ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଓ ଗଣିତ ସଂଯୋଜକ ଦେବାଶିଷ ଶ୍ୟାମଲଙ୍କ ପ୍ରତିନିଧିତ୍ୱରେ ଅଷ୍ଟମ, ନବମ, ଦଶମ ଓ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, କ୍ଷୁଦ୍ର ନାଟକ, ବକ୍ତୃତା ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଶିକ୍ଷକ ଚନ୍ଦନ ପଣ୍ଡା ଗଣିତ ଦିବସ ପାଳନ ସମ୍ପର୍କରେ ନିଜ ବିଚାର ପ୍ରକଟ କରିଥିଲେ । ଗଣିତ ବିଭାଗ ଶିକ୍ଷକ ଏମ.ଭି.ଏଲ.ଏନ. ରାଓ, ଏନ. ଶୁଭମ ରାଓ, ସଂଗୀତା ସିହ୍ନା, ମନୀଷା ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ଗଣିତ କିମ୍ବଦନ୍ତୀ ରାମାନୁଜନଙ୍କ ସ୍ମରଣାର୍ଥେ ଓ ସମ୍ମାନାର୍ଥେ ତାଙ୍କ ଦ୍ୱାରା ପ୍ରତିପାଦିତ ମ୍ୟାଜିକ ନମ୍ବର ୧୭୨୯ ର ସୁନ୍ଦର ସଂରଚନା କରାଯାଇଥିଲା ।

## ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ଯୁଥ ରେଡ଼ କ୍ରସ ସଭା ଅନୁଷ୍ଠିତ

ସମ୍ବଲପୁର: ଇଣ୍ଡିଆନ ରେଡ଼ କ୍ରସ ସୋସାଇଟି ଅନ୍ତର୍ଗତ ଓଡ଼ିଶା ଷ୍ଟେଟ ବ୍ରାଞ୍ଚ ଯୁଥ ରେଡ଼ କ୍ରସ ସୋସାଇଟି ଅଧୀନରେ ପରିଚାଳିତ ଯୁଥ ରେଡ଼ କ୍ରସର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମହାବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ କରୋନାକଟକଣାକୁ ଦୃଷ୍ଟିରେ ରଖି ଯୁଥ ରେଡ଼ କ୍ରସର ଯଥାଚିତ କ୍ରିୟାନ୍ୱୟନ କରାଯାଉଛି । ଯୁବ ଗୋଷ୍ଠୀର ଛାତ୍ରଛାତ୍ରୀଙ୍କୁ ତାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ ସମ୍ପର୍କରେ ସୂଚାଇ ଦେବା ସହ ସୁରକ୍ଷାଜନିତ ସତର୍କତା ଅବଲମ୍ବନ କରିବା ପାଇଁ ଗୋଡ଼ଭଗା ସ୍ଥିତ ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ଯୁଥ ରେଡ଼ କ୍ରସର ଏକ ସଭା ଅନୁଷ୍ଠିତ ହୋଇ ଯାଇଛି । କଲେଜର ଅଧ୍ୟକ୍ଷା ପ୍ରତିମା ପାଲଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ଯୁବ ଗୋଷ୍ଠୀଙ୍କୁ ଆତ୍ମସୁରକ୍ଷାକୁ ପ୍ରାଧାନ୍ୟ ଦେବା ଓ ସେବା ମନୋଭାବ ରଖି ଉତ୍ତମ ନାଗରିକ ଭାବେ କାର୍ଯ୍ୟ କରିବା ଲାଗି ଆହ୍ୱାନ କରାଯାଇଛି । ଇତିହାସ ଅଧ୍ୟାପିକା ତଥା କଲେଜ ଯୁଥ ରେଡ଼ କ୍ରସର କାଉନସେଲର ଡ଼. ସୀତା ସାହୁ ସଭାରେ ସଂଯୋଜନା କରି ନବାଗତ ଯୁବଗୋଷ୍ଠୀଙ୍କୁ ସ୍ୱାଗତ ଜଣାଇବା ସହିତ ଯୁଥ ରେଡ଼ କ୍ରସର ଆଭିମୁଖ୍ୟ, ଆଗାମୀ କ୍ରିୟାକଳାପ ଓ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ଓଡ଼ିଆ ଅଧ୍ୟାପିକା ସୁଧାରାଣୀ ପଟେଲ ଓ ଇଂରାଜୀ ଅଧ୍ୟାପକ ରାକେଶ ଭାଇ ସଭା ସଞ୍ଚାଳନରେ ସହଯୋଗ କରିଥିଲେ । ୨୦ ଜଣ ଆଗ୍ରହୀ ଓ ଦାୟିତ୍ୱବାନ ଯୁବଛାତ୍ରଛାତ୍ରୀଙ୍କୁ ଯୁଥ ରେଡ଼ କ୍ରସ ସ୍ୱେଚ୍ଛାସେବୀ ଭାବେ ମନୋନୀତ କରାଯାଇଥିଲା ।

## ଝାରସୁଗୁଡ଼ାରେ ଫ୍ୟାମିଲି କୋର୍ଟ ଉଦ୍‌ଘାଟିତ

ଝାରସୁଗୁଡ଼ା : ଝାରସୁଗୁଡ଼ା ପୁରୁଣା ସିଭିଲ କୋର୍ଟ ପରିସରରେ ଫ୍ୟାମେଲି କୋର୍ଟ ଉଦ୍‌ଘାଟିତ ହୋଇଛି । ଏହି କୋର୍ଟକୁ ଭର୍ଚୁଆଲ୍ ମାଧ୍ୟମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଡା. ଜଷ୍ଟିସ୍ ଏସ୍. ମୁରଲିଧରନ କୋର୍ଟକୁ ଉଦ୍‌ଘାଟନ କରିଥିଲେ । ଏ ଅବସରରେ ଜଷ୍ଟିସ୍ କେ.ଆର୍ ମହାପାତ୍ର, ଜିଲ୍ଲା ଜଜ୍ ନିଶିତ ନିଶାଙ୍କ, ଏଡିଜେ ତଥା ପୋକ୍‌ସୋ ଜଜ୍ ମଦନଲାଲ କେଡ଼ିଆ, ଫ୍ୟାମେଲି କୋର୍ଟ ଜଜ୍ ହରପ୍ରସାଦ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜଜ୍ ସତ୍ୟବ୍ରତ ମିଶ୍ର, ଚିଫ୍ ଜୁଡ଼ିସିଆଲ୍ ମାଜିଷ୍ଟ୍ରେଟ ପ୍ରଦୀପ କୁମାର ସାମଲ, ଆଇନ ସେବା ପ୍ରାଧିକରଣ ସଚିବ ହରପ୍ରସାଦ ପାଢ଼ୀ, ସିନିୟର ସିଭିଲ ଜଜ୍ ସ୍ୱପ୍ନାଶ୍ରୀ ନାଏକ, ରେଜିଷ୍ଟ୍ରାର, ସିଭିଲ୍ କୋର୍ଟ, ମଳୟ କୁମାର ପ୍ରଧାନ, ସିନିୟର ସିଭିଲ ଜଜ୍ ସୁନନ୍ଦା ସାହୁ, ଏସ୍‌ଡିଜେଏମ୍ ଦିବ୍ୟସାଚି ବେହେରା, ଲଖନପୁର ଏନଜିଏନ୍ ମୋନାଲିସା ପଣ୍ଡା, ସିଭିଲ ଜଜ୍ ରୋଶନିବାଲା ସେନାପତି, ଜେଏମ୍‌ଏଫ୍‌ସି ତନ୍ମୟା ରଂଜନ ଦାସ ଓ ସୁଧାଶ୍ରୀ ସୁରଜଲିଆ ଓ ପ୍ରୋବେସନ୍ ସିଭିଲ୍ ଜଜ୍ ପ୍ରିୟଙ୍କା ପ୍ରିୟଦର୍ଶିନୀ ପଟେଲଙ୍କ ସମେତ ଜିଲ୍ଲାପାଳ ସରୋଜ ସାମଲ, ଏସ୍‌ପି ବିକାଶ ଚନ୍ଦ୍ର ଦାଶ, ଜିଲ୍ଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ଲୋକନାଥ ଗୁରୁ, ରାଧାକାନ୍ତ ସାହା, ତୁଳସୀ ଦାଶ, ସନ୍ଦୀପ ଅବସ୍ଥି, ବନ୍ଦନା ମୁଦ୍ରା ଓ ଜୁଡ଼ିସିଆଲ୍ କର୍ମଚାରୀ ଉପସ୍ଥିତ ଥିଲେ ।



## ପୂର୍ବତନ ରାଜ୍ୟସଭା ସଦସ୍ୟ ଗଣେଶ୍ୱର କୁସୁମଙ୍କ ପରଲୋକ

ସୁନ୍ଦରଗଡ଼ : ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର କୁସୁମଙ୍କ ୮୭ ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ସେ ଅବିଭକ୍ତ ସମ୍ବଲପୁର ଜିଲ୍ଲା ତାଲପଟିଆ ଠାରେ ୧୯୩୪ ମାର୍ଚ୍ଚ ୨୧ ରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ଼ ସ୍ଥିତ ସମଲେଶ୍ୱରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ପ୍ରାଥମିକ ଶିକ୍ଷକରୁ କ୍ୟାରିୟର ଆରମ୍ଭ କରିଥିବା ଶ୍ରୀ କୁସୁମ ପରେ କଂଗ୍ରେସ ଦଳରେ ଯୋଗ ଦେଇ ୧୯୮୪ ରୁ ୧୯୯୦ ମସିହା ପର୍ଯ୍ୟନ୍ତ ରାଜ୍ୟସଭା ସଦସ୍ୟ ରହିଥିଲେ । ପୂର୍ବରୁ ସଦର ବ୍ଲକର ଉପାଧ୍ୟକ୍ଷ ଥିଲେ । ୧୯୯୨ ରୁ ୧୯୯୪ ଓ ୧୯୯୭ ରୁ ୧୯୯୯ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଥିଲେ । ପରଲୋକ ଖବର ପାଇ ପିସିସି ସାଧାରଣ ସମ୍ପାଦକ ରାଜ କିଶୋର ଷଡ଼ଙ୍ଗୀ, ଜିଲ୍ଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ, ସାଧାରଣ ସମ୍ପାଦକ ପର୍ଶୁରାମ ସରାଫ, ପ୍ରଫୁଲ୍ଲ ସୁନାନୀ ପ୍ରମୁଖ ବହୁ କଂଗ୍ରେସ ନେତା ତଥା ବିଶିଷ୍ଟ ବ୍ୟକ୍ତି ତାଙ୍କ ସୁନ୍ଦରଗଡ଼ ଜିଲ୍ଲା ଭଷ୍ମାସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ ।

## ଝାରସୁଗୁଡ଼ା ଡିଏଭି ଛାତ୍ରୀ ସିଦ୍ଧି ମହାପାତ୍ରଙ୍କ କୃତିତ୍ୱ

ଝାରସୁଗୁଡ଼ା: କଟକସ୍ଥିତ ଓଡ଼ିଶା ଜୁଡ଼ିସିଆଲ ଏକାଡେମୀଠାରେ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲରେ ଅଧ୍ୟନରତା ସପ୍ତମ ଶ୍ରେଣୀ ଛାତ୍ରୀ ସିଦ୍ଧି ମହାପାତ୍ରଙ୍କୁ ମାନ୍ୟବର ହାଇକୋର୍ଟ ଅଧିକାରୀଗଣ ପୁରସ୍କୃତ କରିଛନ୍ତି । ଓଡ଼ିଶା ହାଇକୋର୍ଟଙ୍କ ଆନୁକୂଲ୍ୟରେ ରାଜ୍ୟର ସମସ୍ତ ଜିଲ୍ଲା ଫ୍ୟାମିଲି କୋର୍ଟ ତରଫରୁ ତଥ୍ୟଭିତ୍ତିକ ଚିତ୍ରକଳା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା, ଯହିଁରେ ଜିଲ୍ଲା ସ୍ତରରୁ ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମନୋନୀତ କରାଯାଇଥିଲା । ଅନ୍ତିମ ପର୍ଯ୍ୟାୟରେ ଉତ୍କୃଷ୍ଟ ମାନର ତଥ୍ୟଭିତ୍ତିକ ଚିତ୍ରକଳା ପ୍ରଦର୍ଶନ କରିଥିବା ୧୨ ଜଣ ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ଓଡ଼ିଶା ଜୁଡ଼ିସିଆଲ ଏକାଡେମୀ ଠାରେ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା । ଝାରସୁଗୁଡ଼ା ଡିଏଭି ଛାତ୍ରୀ ସିଦ୍ଧି ମହାପାତ୍ର ବର୍ତ୍ତମାନ ଯୁଗରେ ସମାଜରେ ନବ ଯୁବାପିଢ଼ୀଙ୍କ ଦ୍ୱାରା ଉପେକ୍ଷିତ ହେଉଥିବା ଜେଜେବାପା ଜେଜେମା, ଅଜା ଆଈଙ୍କ ପ୍ରତି ଆମ ସମ୍ମାନ ଓ କର୍ତ୍ତବ୍ୟ ସମ୍ବନ୍ଧିତ ଚିତ୍ରକଳା ଆଙ୍କି ଓ ତତ୍ ସମ୍ବନ୍ଧୀୟ ଯୌକ୍ତିକତା ଉପସ୍ଥାପନ କରି ମାନ୍ୟବର ହାଇକୋର୍ଟଙ୍କ ଚିଫ ଜଷ୍ଟିସ ଡ. ଜଷ୍ଟିସ ଏସ.ମୁରଲୀଧରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେବା ସହ ପୁରସ୍କୃତ ହୋଇଛନ୍ତି । ସିଦ୍ଧି ହାଇକୋର୍ଟଙ୍କ ଉଚ୍ଚାଧିକାରୀ ବର୍ଗଙ୍କ ସମେତ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ପ୍ରଖ୍ୟାତ ଚିତ୍ରଶିଳ୍ପୀ ରବି ନାରାୟଣ ରଥଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସର୍ବ ସମ୍ମୁଖରେ ନିଜ ଚିତ୍ରକଳା ପ୍ରଦର୍ଶନର ଯଥାର୍ଥତା ପ୍ରତିପାଦନ କରି ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲେ । ସିଦ୍ଧିଙ୍କ ଏ ପ୍ରକାର କୃତିତ୍ୱ ବିଦ୍ୟାଳୟର ଗୌରବ ପଞ୍ଜିରେ ଏକ ନୂତନ ଫର୍ଦ୍ଦ ଯୋଡ଼ିଛି ଓ ତାଙ୍କ ଅସାଧାରଣ କୃତିତ୍ୱ ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ବୃନ୍ଦ ଓ ଶୁଭେଚ୍ଛୁଗଣ ଅଭିନନ୍ଦନ ଜଣାଇଛନ୍ତି । ମେଧାବୀ, ବାଗ୍ମୀ, ଚିତ୍ରଶିଳ୍ପୀ ଛାତ୍ରୀ ସିଦ୍ଧି ସହରର ପ୍ରସିଦ୍ଧ ଶଙ୍କର ଜୁଏଲର୍ସ ମାଲିକ ଶଙ୍କର ପ୍ରସାଦ ପାତ୍ର ଓ ରାଜଲକ୍ଷ୍ମୀ ପାତ୍ରଙ୍କ ନାତୁଣୀ ତଥା ଅଧ୍ୟାପକ ଶୁଭାଂଶୁ ଶେଖର ମହାପାତ୍ର ଓ ସ୍ୱର୍ଗତଃ ସଞ୍ଜିତା ମହାପାତ୍ରଙ୍କ ସୁକନ୍ୟା ଅଟନ୍ତି ।


**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ବିଧାୟକ କିଶୋର ମହାନ୍ତିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ





ଝାରସୁଗୁଡ଼ା : ବିଧାୟକ କିଶୋର ମହାନ୍ତି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । କୁମ୍ଭାରବନ୍ଧ ସ୍ଥିତ ପଞ୍ଚାୟତ ଆଞ୍ଚଳିକ କଲେଜର ନବ ନିର୍ମିତ ଶ୍ରେଣୀ କକ୍ଷକୁ ଶ୍ରୀ ମହାନ୍ତି ଉଦ୍‌ଘାଟନ କରିଛନ୍ତି ।

ସେହିପରି ଝାରସୁଗୁଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଚାନ୍ଦନୀମାଲଠାରେ ବିଧାୟକ କିଶୋର ମହାନ୍ତି କରିଛନ୍ତି । ଏ ଅବସରରେ ଝାରସୁଗୁଡ଼ା ବିଡିଓ ପ୍ରସନ୍ନ ପାଣ୍ଡେ, ଜିଲ୍ଲା ପରିଷଦ ହର୍ଷ ଜଗତ, ଚାନ୍ଦନୀମାଲ ସରପଞ୍ଚ ରିତୁ ସା, ଲକ୍ଷ୍ମୀ ମିଶ୍ର, ଶରତ ପ୍ରଧାନ, ସଞ୍ଜୟ ସାଏ, ପ୍ରମୋଦ ପ୍ରଧାନ, ପ୍ରକାଶ ପ୍ରଧାନ, ଲୋଇସିଂ ସରପଞ୍ଚ ମଞ୍ଜୁଲତା ବାଗ, ସମିତି ସଭ୍ୟା ବିନୋଦିନୀ ପଟେଲ, ଗୌରମାଲ ସରପଞ୍ଚ ଝରଣା ସାଗର, ରାଜପୁର ସମିତି ଗଣେଶ ରାମ ବାଗ, ହେମିନ ଦେଓ, ପପୁ ରାୟ, ସନାତନ ରୋହିଦାସ, ଉଦିତ ଚୌଧୁରୀ, ଜଗନ୍ନାଥ ପଟେଲ, ପରାଧୀନ ତନ୍ତୀ, ହରିଶଙ୍କର କଷ୍ଟା, ଶେଷଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଖଲିଆକାନି ମକର ଯାତ୍ରା ପଡ଼ିଆରେ ଓ ବେଲପାହାଡ଼ କାଡୁପଡ଼ାରେ ଇଣ୍ଡୋର୍ ଷ୍ଟାଡିଅମ୍‌ର ଶୁଭାରମ୍ଭ ହୋଇଛି । ଏ ଅବସରରେ ଜିଲ୍ଲାପାଳ ସରୋଜ କୁମାର ସାମଲ, ତାପସ ରାୟ ଚୌଧୁରୀ, ବିଜୟ ବେହେରା, ବ୍ରିଜେଶ ଶର୍ମା, ଶମ୍ଭୁ ମହାନ୍ତି, ଶ୍ୟାମସୁନ୍ଦରପୁର ଶତପଥୀ, ରାଧାକାନ୍ତ ପ୍ରଧାନ, ନଳିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



## ଡକ୍ଟର ଉମେଶ ପତ୍ରୀଙ୍କ ତୈଳଚିତ୍ର ଉନ୍ମୋଚିତ

କଟକ : ବ୍ୟକ୍ତିଗତ ଜୀବନ ନୀତି, ନିଷ୍ଠା ଓ ଆଦର୍ଶକୁ ନେଇ ଆଗକୁ ବଢ଼ିଥିବା ସ୍ରଷ୍ଟା ଥିଲେ ଡକ୍ଟର ଉମେଶ ପତ୍ରୀ । ତାଙ୍କର ସାରସ୍ୱତ ସାଧନା ଯେତିକି ସତ୍ୟନିଷ୍ଠ ଥିଲା ସେତିକି ପ୍ରାମାଣିକ ମଧ । ଧର୍ମାନ୍ଧତା ପରିବର୍ତ୍ତେ ପ୍ରତ୍ୟେକ ଧର୍ମର ମୂଳ ତତ୍ତ୍ୱକୁ ସେ ଯୁକ୍ତିନିଷ୍ଠ ଭାବରେ ଉପସ୍ଥାପନ କରୁଥିଲେ । ଏଥିରୁ ତାଙ୍କ ଉଦାର ବ୍ୟକ୍ତିତ୍ୱର ପରିଚୟ ମିଳେ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନ ଠାରେ ଅନୁଷ୍ଠିତ ସାରସ୍ୱତ ସାରସ୍ୱତ ସାଧକ ଉମେଶ ପତ୍ରୀଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ବକ୍ତାମାନେ କହିଛନ୍ତି । ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବକୁ ନାଟ୍ୟକାର ପ୍ରଫେସର ରମେଶ ଦାସ ଉଦଘାଟନ କରିବା ସହ ତୈଳଚିତ୍ର ଉନ୍ମୋଚନ କରି ଡକ୍ଟର ପତ୍ରୀଙ୍କ ସହ ତାଙ୍କ ଅନାବିଳ ବନ୍ଧୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି କଥାଶିଳ୍ପୀ ଅଧାପକ ବିଶ୍ୱରଞ୍ଜନ ଡକ୍ଟର ପତ୍ରୀଙ୍କୁ ଜଣେ ଶୁଦ୍ଧ, ସତ୍ୟନିଷ୍ଠ ଓ ସ୍ପଷ୍ଟବାଦୀ ସାହିତ୍ୟିକ ବୋଲି କହିଥିଲେ । ବିଶିଷ୍ଟ ଅତିଥି କେନ୍ଦ୍ର ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ଡକ୍ଟର ପତ୍ରୀଙ୍କ କର୍ତ୍ତବ୍ୟନିଷ୍ଠା ଓ ସାହିତ୍ୟପ୍ରତି ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ସାହିତ୍ୟିକ ଡକ୍ଟର ଅସିତ ମହାନ୍ତି ବକ୍ତବ୍ୟରେ ଡକ୍ଟର ପତ୍ରୀଙ୍କୁ ଜଣେ ନିଷ୍ଠାବାନ ଓ ଯୁକ୍ତିଯୁକ୍ତ ଗବେଷକ ଓ ଧାର୍ମିକ ବିଭେଦତାକୁ ସେ ପ୍ରଶ୍ରୟ ଦେଉ ନଥିଲେ ବୋଲି କହିଥିଲେ । ଡକ୍ଟର ପତ୍ରୀଙ୍କ ସୁକନ୍ୟା ଡକ୍ଟର ସ୍ମିତପ୍ରଜ୍ଞା ନିଜର ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିଥିଲେ । ଅନୁଷ୍ଠାନର ଉପସଭାପତି ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଗଠନ ସଂପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅଧାପକ କମଳ ମାହୁନ୍ତ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । କୋଷାଧକ୍ଷ ଶିବାଶିଷ କର ଧନ୍ୟବାଦ ଅର୍ପଣ କରିଥିଲେ ।



## ବିଜେଡ଼ିରେ ମିଶିଲେ କରମଚାନ୍ଦ ମହାନ୍ତି

ସୋନପୁର : ଜଣେ ଦକ୍ଷ ସଂଗଠକ ରୂପେ ପରିଚିତ ସୁବର୍ଣ୍ଣପୁର ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ସଭାପତି କରମଚାନ୍ଦ ମହାନ୍ତି ବିଜେପି ଛାଡ଼ି ବିଧିବଦ୍ଧ ଭାବେ ବିଜେଡିରେ ମିଶିଛନ୍ତି । ପୂର୍ବରୁ ସେ କଂଗ୍ରେସର ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ । ଏହାପରେ ବିଜେପିରେ ମିଶିଥିଲେ । ସମ୍ପ୍ରତି ଶ୍ରୀ ମହାନ୍ତି ପଶ୍ଚିମ



ଓଡ଼ିଶା ସଂକୀର୍ତ୍ତନ ପରିଷଦର ସୁବର୍ଣ୍ଣପୁର ଜିଲ୍ଲା ସଭାପତି ଅଛନ୍ତି । ଭୁବନେଶ୍ୱରରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସୋନପୁର ବିଧାୟକ ତଥା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି ।

## ପଦ୍ମପୁରରେ ରାଜ୍ୟସ୍ତରୀୟ ଶୀତ ଉତ୍ସବ



ପଦ୍ମପୁର : ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବରଗଡ଼ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ପରିଷଦର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ଶୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ ଘାଟନୀ ଉତ୍ସବରେ ମନ୍ତ୍ରୀ ସୁଶାନ୍ତ ସିଂ, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଓଡ଼ିଆ ଭାଷା ସହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ରଞ୍ଜନ ଦାସ ଯୋଗ ଦେଇଥିଲେ । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଚଳଚ୍ଚିତ୍ର ତାରକାର ବିଧୁସ୍ମିତା ଦାସଙ୍କ ସଂଯୋଜନାରେ ଅନଗୁଳର ସ୍ୱପ୍ନାରାଣୀ ସିହ୍ନା ଓ ସାଥୀଙ୍କ ଓଡ଼ିଶୀ ନୃତ୍ୟ, ପଦ୍ମପୁରରୁ ରମେଶ ଗୁର୍ଲା ଓ ତାଙ୍କ ଦଳର ଡାଲଖାଇ ଲୋକନୃତ୍ୟ, ଭୁବନେଶ୍ୱରର ଅଗ୍ନିମିତ୍ର ବେହେରା ଓ ସାଥୀଙ୍କ ବାଦ୍ୟ ବିଚିତ୍ରା, ଜୟଶ୍ରୀ ଧଳ ଓ ସାଥୀଙ୍କ ସୁଗମ ସଙ୍ଗୀତ ପରିବେଷଣ ଶୀତର ଆସରକୁ ଉଷ୍ଣ କରି ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡକ୍ଟର ସୁରେଶ ଚନ୍ଦ୍ର ଦଲାଇ ମୁଖ୍ୟ ଅତିଥି, ପଦ୍ମଶ୍ରୀ ହଳଧର ନାଗ ଓ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଭିନେତ୍ରୀ ମଧୁସ୍ମିତା ଦାସଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ ଓ ସାଥୀଲୋକ ସଙ୍ଗୀତ, ରାୟଗଡ଼ାର ଜେ. ସୁକାନ୍ତ ଓ ସାଥୀଙ୍କ ଲୋକନୃତ୍ୟ, ଭୁବନେଶ୍ୱର ଚିତ୍ରସେନେ ସ୍ୱାଇଁ ଦଳର ଗୋଟିପୁଅ ନୃତ୍ୟ ଓ ମୟୁର ଆର୍ଟ ସେଣ୍ଟର କଳାକାରଙ୍କ ଛଉନୃତ୍ୟ ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା ।

## ଭାଗବତ ନନ୍ଦଙ୍କ ପ୍ରଥମ ସ୍ମୃତି ସମାରୋହ



'ସମ୍ବଲପୁର : ବିଶିଷ୍ଟ ସମାଜସେବୀ ତଥା ସର୍ବୋଦୟ ନେତା ଭାଗବତ ପ୍ରସାଦ ନନ୍ଦଙ୍କ ପ୍ରଥମ ସ୍ମୃତି ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, ପୂର୍ବତନ ମନ୍ତ୍ରୀ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ ସାଂସଦ ସୁରେଶ ପୂଜାରୀ, କଟକର ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ଲୋଇସିଂହାର ପୂର୍ବତନ ବିଧାୟକ ବାଳଗୋପାଳ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା ପ୍ରମୁଖ ଭାଗବତ ବାବୁଙ୍କ ସ୍ମୃତିଚାରଣ କରିଥିଲେ । ସଭା କାର୍ଯ୍ୟକୁ ଡକ୍ଟର ଗୌରୀଦାସ ପ୍ରଧାନ ସଂଯୋଜନା କରିଥିଲେ । ଏହି ଅବସରରେ ଭାଗବତଙ୍କ ସ୍ମୃତି ସଂକଳନ 'ଭାଗବତାୟନ' ଲୋକାର୍ପିତ ହୋଇଥିଲା ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra